୬ ସେମିରେ ହାରିଗଲେ ରେସଲର ଅମନ : ବ୍ରୋଞ୍ଜ ପାଇଁ ଖେଳିବେ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

KVQA | NORSK AKKREDITERING MSYS 007

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୯୩ ● ୯ ଅଗଷ୍ଟ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-193 ● 9th August 2024, Friday ● Bhubaneswar | Licensed to post without pre-payment of postage No- BN-60/22-24



DSPL-66

ODISHA
INDIA'S BEST KEPT SECRET.

PARIS 2024

# ଭାରତୀୟ ହକି ଦଳକୁ

## ଆନ୍ତରିକ ଶୁଭେଚ୍ଛା

ଆଜିର **କାଂସ୍ୟ ପଦକ**
ରଚିଛି ଆସନ୍ତାକାଲି ପାଇଁ
ଏକ **ସ୍ୱର୍ଣ୍ଣିମ ଅଧ୍ୟାୟ**



**ଶ୍ରୀ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା




OIPR : 29001/13/0011/2425

କ୍ରୀଡ଼ା ଓ ଯୁବସେବା ବିଭାଗ,ଓଡ଼ିଶା

ଅଲିମ୍ପିକ୍ସରୁ ଦୁଃଖଦ ବିଦାୟ ପରେ ଅବସର ଘୋଷଣା କଲେ ଭିନେଶ ଫୋଗାଟ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୯୩ ● ୯ ଅଗଷ୍ଟ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-193 ● 9th August 2024, Friday ● Bhubaneswar

Licensed to post without pre-payment of postage No- BN-60/22-24

## ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତି ଇତିହାସ ଦୋହରାଇଲା ଭାରତ

**ପ୍ୟାରିସ୍: ୮।୮**

ପ୍ୟାରିସ୍ ଅଲିମ୍ପିକ୍ସରେ ଇତିହାସକୁ ଦୋହରାଇଛି ଭାରତୀୟ ହକି ଟିମ୍। ଦୀର୍ଘ ୫୨ ବର୍ଷ ପରେ ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସରେ ପଦକ ଜିତିବାକୁ ସକ୍ଷମ ହୋଇଛି। ୧୯୬୮ ଓ ୧୯୭୨ ପରେ ଭାରତ ବ୍ରୋଞ୍ଜ ଜିତିଥିଲା। ୨୦୨୦ ଟୋକିଓ ଅଲିମ୍ପିକ୍ସ ଏବଂ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ଟିମ୍ ବ୍ରୋଞ୍ଜ ପଦକ ଜିତି ଇତିହାସକୁ ଦୋହରାଇଛି।

ଗୁରୁବାର ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଭାରତୀୟ ହକି ଟିମ୍ ସ୍ପେନ୍‌କୁ ରୋମାଞ୍ଚକର ଢଙ୍ଗରେ ୨-୧ରେ ହରାଇ ନିଜର ଦମ୍ ଦେଖାଇଛି। ଭାରତ ପକ୍ଷରୁ ଦୁଇଟି ଯାକ ଗୋଲ ଅଧିନାୟକ ହରମନପ୍ରୀତ ସିଂହ ଦେଇଛନ୍ତି। ସ୍ପେନ ଏହି ମ୍ୟାଚ୍‌ରେ ଆଗୁଆ ରହିଥିଲେ ହେଁ ଶେଷରେ ବିନା ପଦକରେ ପ୍ୟାରିସ୍‌ରୁ ବିଦାୟ ନେଇଛି।



ଭାରତ ଏହି ବିଜୟ ସହ ଭେଟରାନ ଗୋଲକିପର ପିଆର ଶ୍ରୀଜେଶଙ୍କୁ ବିଦାୟ ଜଣାଇଛି। ପିଆର ଶ୍ରୀଜେଶ ଅଲିମ୍ପିକ୍ସ ପରେ ବିଦାୟ ନେବେ ବୋଲି ଘୋଷଣା କରିଥିଲେ। ଏବେ ସେ ଅଲିମ୍ପିକ୍ସ ପଦକ ସହ ନିଜର ପ୍ରିୟ ଖେଳ ହକିକୁ ଅଲ୍‌ବିଦା କହିଛନ୍ତି।

ଟୋକିଓରେ ମଧ୍ୟ ପିଆର ଶ୍ରୀଜେଶ ଭାରତର (ପୃଷ୍ଠା ୭ରେ)

### ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ପ୍ୟାରିସ୍: ୮।୮**

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ବ୍ରୋଞ୍ଜ ପଦକ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମ ଏକ୍ସରେ ଶୁଭେଚ୍ଛା ଜଣାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ଉଜ୍ଜ୍ୱଳ ଆଲୋକିତ କରି ଘରକୁ ବ୍ରୋଞ୍ଜପଦକ ଆଣିଛି। ଏହା ଆହୁରି ବିଶେଷ। କାରଣ ଅଲିମ୍ପିକ୍ସରେ ଭାରତର ଏହା କ୍ରମାଗତ ଦ୍ୱିତୀୟ ପଦକ। ହକି ଇଣ୍ଡିଆର ସଫଳତା ହେଉଛି ଦକ୍ଷତା, ଦୃଢ଼ତା ଏବଂ ଦଳୀୟ ଏକତା। ସେମାନେ ଦଳୀୟ ମନୋଭାବ ନେଇ ଖେଳିଥିଲେ। ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଉଛି। ପ୍ରତ୍ୟେକ ଭାରତୀୟଙ୍କର ହକି ସହିତ ଏକ ଭାବପ୍ରବଣତା ରହିଛି (ପୃଷ୍ଠା ୭ରେ)

## ବାଂଲାଦେଶରୁ ଅନୁପ୍ରବେଶ ଭୟ ସମୁଦ୍ର ଉପରେ ତୀକ୍ଷ୍ଣ ନଜର

**ଭୁବନେଶ୍ୱର: ୮।୮**

**ନ୍ୟୁଜ୍ ବ୍ୟୁରୋ**

ଅଶାନ୍ତ ବାଂଲାଦେଶରୁ ଅନୁପ୍ରବେଶକାରୀ ସମୁଦ୍ର ପଥରେ ଓଡ଼ିଶାରେ ପ୍ରବେଶ କରିବାର ସମ୍ଭାବନା ରହିଛି। ତେଣୁ ଆଗୁଆ ସତର୍କ ହୋଇଛି ଓଡ଼ିଶା ସରକାର। ଅନୁପ୍ରବେଶକୁ ରୋକିବା ପାଇଁ ସମୁଦ୍ର କୂଳିଆ ଥାନା ଗୁଡ଼ିକୁ ସତର୍କ କରାଯାଇଛି। ଏଥିସହ ସମୁଦ୍ରରେ ଘନଘନ ପାଟ୍ରୋଲିଂ କରାଯାଉଛି ବୋଲି ପୁଲିସ ଡିଜି ଅରୁଣ କୁମାର ଷଡଙ୍ଗୀ କହିଛନ୍ତି।



ଗଣମାଧ୍ୟମକୁ ଏହି ସୂଚନା ଦେଇ ଡିଜିପି ଶ୍ରୀ ଷଡଙ୍ଗୀ କହିଛନ୍ତି, ବଂଲାଦେଶରେ ରାଜନୈତିକ ଅସ୍ଥିରତା ଦେଖାଦେଇଛି। ତେଣୁ ସେଠାରୁ ଅନୁପ୍ରବେଶକାରୀ ଓଡ଼ିଶା ଆସିବାର ସମ୍ଭାବନା ରହିଛି। ସେଥିପାଇଁ ରାଜ୍ୟର ସବୁ ସମୁଦ୍ର କୂଳିଆ ଜିଲ୍ଲାରେ ଥିବା ୧୮ ଥାନାକୁ ସତର୍କ କରାଯାଇଛି। ତେବେ ବିଶେଷକରି ସମୁଦ୍ର ପଥରେ ବାଂଲାଦେଶରୁ ପାଖ ପଡୁଥିବା ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ୯ଟି ସାମୁଦ୍ରିକ ଥାନାକୁ ସତର୍କ ରଖାଯାଇଛି। ପୁରୀରେ ମଧ୍ୟ ପୁଲିସ ସଜାଗ ଅଛନ୍ତି ବୋଲି ଡିଜିପି ଶ୍ରୀ ଷଡଙ୍ଗୀ କହିଛନ୍ତି।

ସେ ଆହୁରି କହିଛନ୍ତି, ସମୁଦ୍ର କୂଳିଆ ଥାନାକୁ ଅଧିକ ଲୋକ ବଳ ଦିଆଯାଇଛି। ନିୟମ ଅନୁସାରେ ସମୁଦ୍ରରେ ୫ ନଟିକାଲ ମାଇଲ ପର୍ଯ୍ୟନ୍ତ ପାଟ୍ରୋଲିଂ କରାଯିବ। ପାଟ୍ରୋଲିଂ ପାଇଁ ସବୁ ସାମୁଦ୍ରିକ ଥାନା ପାଖରେ ବୋଟ ରହିଛି। ଗୋଟିଏ ଅଧେ ଥାନାରେ ବୋଟ ଥାଇନପାରେ। ତେବେ ସେହି ଅଞ୍ଚଳରେ ପାଖ ଥାନା ପୁଲିସ ପାଟ୍ରୋଲିଂ କରିବ। ଏହାଛଡ଼ା ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା ମତ୍ସ୍ୟଜୀବୀ ଓ ଗୁଇନ୍ଦାଙ୍କୁ ସକ୍ରିୟ କରାଯାଇଛି। ଯଦି କୌଣସି ବୋଟ୍ ଆସୁଛି ତାହାହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ତାସହ କୋଷ୍ଟଗାର୍ଡ ଓ ନାଭାଲ ମଧ୍ୟ ପାଟ୍ରୋଲିଂ କରୁଛି। ବର୍ତ୍ତମାନ ପୁଲିସ ସଜାଗ ରହିଛି। ଗୋଷ୍ଠୀଗତ ଗଣ୍ଡଗୋଳ ଯେପରି ନଘଟିବ, (ପୃଷ୍ଠା ୭ରେ)

### ଅମିତ ରୋହିଦାସଙ୍କୁ ମିଳିବ ୪ କୋଟି

**ଭୁବନେଶ୍ୱର: ୮।୮**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ହକି ତାରକା ଅମିତ ରୋହିଦାସ ୪ କୋଟି ଟଙ୍କା ପାଇବେ। ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ହକି ଟିମ୍ ପାଇଁ ପୁରସ୍କାର ଘୋଷଣା କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଏହି ଘୋଷଣା କରିଛନ୍ତି। ଶ୍ରୀ ମାଝୀ କହିଛନ୍ତି ପ୍ରତ୍ୟେକ ଖେଳାଳିଙ୍କୁ ୧୫ ଲକ୍ଷ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ମିଳିବ।

### ୯ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ



**ଭୁବନେଶ୍ୱର: ୮।୮**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବର୍ତ୍ତମାନ ପଶ୍ଚିମ ଝାଡ଼ଖଣ୍ଡ ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାସହ ମୌସୁମୀ ସକ୍ରିୟ ରହିଥିବା ବେଳେ ଆହୁରି ୪୮ ଘଣ୍ଟା ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି (ପୃଷ୍ଠା ୭ରେ)

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

### ଦେଶରେ ପ୍ରଥମ

## ରାଜଧାନୀରେ ଖୋଲିଲା ୨୪ ଘଣ୍ଟିଆ ଚାଉଳ ଏଟିଏମ୍

**ଭୁବନେଶ୍ୱର: ୮।୮**

**ନ୍ୟୁଜ୍ ବ୍ୟୁରୋ**

ସାଧାରଣତଃ ଏଟିଏମ୍‌ରୁ ଟଙ୍କା ବାହାରୁଥିବା କଥା ସମସ୍ତେ ଜାଣିଛନ୍ତି। ମାତ୍ର ଏଣିକି ଏଟିଏମରୁ ଖାଦ୍ୟଶସ୍ୟ ବାହାରିବ। ଏହି କ୍ରମରେ ରାଜଧାନୀ ଭୁବନେଶ୍ୱରର ମଞ୍ଚେଶ୍ୱରରେ ଏକ ଶସ୍ୟ ଏଟିଏମ ସ୍ଥାପନ କରାଯାଇଛି। ଏହି ଏଟିଏମରେ ୨୪ ଘଣ୍ଟିଆ ଚାଉଳ / ଗହମ ଉପଲବ୍ଧ ହେବ।

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ଏଟିଏମ୍‌କୁ ଉଦ୍ଘାଟନ କରିଛନ୍ତି। ଯଦି ଏହି ଏଟିଏମ ସଫଳତାର ସହ କାର୍ଯ୍ୟ କରେ ତେବେ



ଆଗାମୀ ଦିନରେ ସବୁ ଜିଲ୍ଲା ଆଉ ବ୍ଲକରେ ଏହା ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ତେବେ ଏହି ସୁବିଧା ପାଇବାକୁ ହେଲେ ଜଣେ ହିତାଧିକାରୀଙ୍କୁ (ପୃଷ୍ଠା ୭ରେ)

## ଅବସର ନେବା ପରେ ବିଚାରପତିମାନେ ରାଜନୀତିକୁ ଆସନ୍ତୁ ନାହିଁ : ଚନ୍ଦ୍ରଚୂଡ଼

**ନୂଆଦିଲ୍ଲୀ: ୮।୮**

ବିଚାରପତିମାନଙ୍କୁ ନେଇ ଅନେକ ସମୟରେ କଥା ଉଠିଥାଏ ଯେ ସେମାନେ ରାଜନୀତିରେ ପ୍ରବେଶ କରିବା ଉଚିତ ନୁହେଁ ଗତ କିଛି ବର୍ଷ ମଧ୍ୟରେ କିମ୍ବା ଗତ କିଛି ଦଶନ୍ଧି ମଧ୍ୟରେ ଅନେକ ବଡ ବିଚାରପତି ରାଜନୀତିରେ ଯୋଗ ଦେଇଥିବା ଦେଖାଯାଇଛି। ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ବରିଷ୍ଠ ବିଚାରପତିମାନେ ଅବସର ନେବା ପରେ ବିଭିନ୍ନ ରାଜନୈତିକ ଦଳରେ ମଧ୍ୟ ସାମିଲ ହୋଇଛନ୍ତି। ଏହାକୁ ନେଇ ଅନେକ ବିବାଦ ଲାଗି ରହିଛି। ବିଚାରପତିମାନେ ରାଜନୀତିରେ ପ୍ରବେଶ କରିବା ପରେ, ସେମାନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ସନ୍ଦେହରେ ଦେଖାଯାଏ। ଆଜିର ସମୟରେ ଏହି ପ୍ରଶ୍ନ



ଅତ୍ୟନ୍ତ ପ୍ରାସଙ୍ଗିକ ହୋଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଧନଞ୍ଜୟ ଯଶୱନ୍ତ ଚନ୍ଦ୍ରଚୂଡ଼ ମଧ୍ୟ ଏହା ଉପରେ ମନ୍ତବ୍ୟ ଦେଇଛନ୍ତି। ନିକଟରେ ଏକ ସାକ୍ଷାତକାରରେ ସେ ଭାରତୀୟ ନ୍ୟାୟପାଳିକା ବିଷୟରେ ଅନେକ କିଛି କହିଛନ୍ତି।

ସାକ୍ଷାତକାରରେ ସୁପ୍ରିମକୋର୍ଟର ସିଜେଆଇଙ୍କୁ (ପୃଷ୍ଠା ୭ରେ)

## କ୍ରମାଗତ ଅଷ୍ଟମ ଥର ପାଇଁ ରେପୋ ରେଟ୍‌କୁ ୬.୫%ରେ ଅପରିବର୍ତ୍ତିତ ରଖିଲା ଆରବିଆଇ

**ମୁମ୍ବାଇ : ୮।୮**

ଭାରତୀୟ ରିଜର୍ଭ ବ୍ୟାଙ୍କ ପୁଣି ଥରେ ରେପୋ ରେଟ (ସୁଧ ହାର) ଅପରିବର୍ତ୍ତିତ ରଖିଛନ୍ତି। ବଜେଟ ୨୦୨୪ ଆସିବା ପରେ ଅନୁଷ୍ଠିତ ହୋଇଥିବା ପ୍ରଥମ ମୁଦ୍ରା ନୀତି କମିଟି ବୈଠକରେ ଆରବିଆଇ ଏହି ନିଷ୍ପତ୍ତି ନେଇଥିବା କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଘୋଷଣା କରିଛନ୍ତି।

ଏହାର ଅର୍ଥ ହେଉଛି ଆପଣଙ୍କ ଋଣ କିସ୍ତି ବଢ଼ିବ ନାହିଁ କି ହ୍ରାସ ପାଇବ ନାହିଁ। ପୂର୍ବରୁ ସୁଧ ହାର ଯେତିକି ଥିଲା ଏବେ ବି ସେତିକି ରହିବ। କ୍ରମାଗତ ଅଷ୍ଟମ ଥର ପାଇଁ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍‌କୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଥିବା



ଜଣାପଡ଼ିଛି। ଦେଶରେ ଦରଦାମ ହାର ଏବେ ମଧ୍ୟ ଆରବିଆଇ ଦ୍ୱାରା ଧାର୍ଯ୍ୟ ୨-୬% ମଧ୍ୟରେ ରହିଛି। (ପୃଷ୍ଠା ୭ରେ)

## ରାଜ୍ୟରେ ଆଉ ଖୋଲିବନି ନୂଆ ମଦ ଦୋକାନ

**ଭୁବନେଶ୍ୱର: ୮।୮**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଆଉ ନୂଆ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ସେହିପରି ରାଜ୍ୟରେ ଚୋରା ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯିବ। ଏଥିପାଇଁ ରାଜ୍ୟରେ ପ୍ରଚଳିତ ଅବକାରୀ ନୀତିର ଆମୁଳଚୁଳ ପରିବର୍ତ୍ତନ କରାଯିବା ସହ ତାହାକୁ କଡାକଡ଼ି କାର୍ଯ୍ୟକାରୀ କରାଯିବ। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି।

ଗୁରୁବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ସୂଚନା ଦେଇ ସେ କହିଛନ୍ତି ରାଜ୍ୟରେ ପ୍ରଚଳିତ ଥିବା ମଦନୀତିକୁ ସାବଲୀଳ କରାଯିବ। ବର୍ତ୍ତମାନ ପ୍ରଚଳିତ ମଦ ନୀତିରେ ଥିବା ସମସ୍ୟାକୁ ସୁଚାରୁ ରୂପେ ସମାଧାନ କରାଯିବା ଦିଗରେ ପ୍ରଚେଷ୍ଟା



କରାଯାଉଛି।

ସେ କହିଛନ୍ତି, ଏହି ନିୟମ ଅନ୍ତରୀଣ ଭାବେ ୭ ମାସ ପାଇଁ ଲାଗୁ କରାଯାଉଛି। ଆସନ୍ତା ବର୍ଷରେ ଯେତେବେଳେ ସମ୍ପୂର୍ଣ୍ଣ ଭାବେ ଅବକାରୀ ନୀତି ପ୍ରଣୟନ କରାଯିବ ସେଥିରେ ଆମୁଳଚୁଳ ପରିବର୍ତ୍ତନ କରାଯିବ।

ରାଜ୍ୟରେ ଚୋରା ମଦ କାରବାର ସବୁବେଳେ ମୁଣ୍ଡ ବିନ୍ଧାର କାରଣ ପାଲଟୁଛି। ତେଣୁ ଚୋରାମଦ ବିକ୍ରି ବନ୍ଦ କରିବା ଆମ ସମ୍ମୁଖରେ ଏକ ଚ୍ୟାଲେଞ୍ଜ ବୋଲି ସେ କହିଛନ୍ତି। ତେଣୁ ଆସନ୍ତା ବର୍ଷ ଲାଗୁ ହେବାକୁ ଥିବା ଅବକାରୀ ନିୟମରେ ଅବକାରୀ ନୀତିକୁ ଆହୁରି କଡାକଡି କରାଯିବ। ନୂଆ ଅବକାରୀ ନୀତିରେ ଓଡ଼ିଶାରେ ଚୋରା ମଦ ସଂପୂର୍ଣ୍ଣ ବନ୍ଦ କରିବାକୁ କଠୋର ପଦକ୍ଷେପ ନିଆଯିବ। ରାଜ୍ୟରେ ଯେପରି ଆଉ ଚୋରା ମଦ କାରବାର ନ ହୋଇ ପାରିବ ସେ ଦିଗରେ ତୀକ୍ଷଣ ଦୃଷ୍ଟି ଦିଆଯିବା ସହ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ବନ୍ଦ ହେଲା ବାଂଲାଦେଶରେ ଥିବା ସମସ୍ତ ଭାରତୀୟ ଭିସା ଆବେଦନ କେନ୍ଦ୍ର

**ନୂଆଦିଲ୍ଲୀ : ୮।୮**

ହିଂସାକାଣ୍ଡ ଉପୁଜିଥିବା ବାଂଲାଦେଶରେ ଅସ୍ଥିର ପରିସ୍ଥିତି କାରଣରୁ ସେଠାରେ ଥିବା ସମସ୍ତ ଭାରତୀୟ ଭିସା ଆବେଦନ କେନ୍ଦ୍ରକୁ ବନ୍ଦ କରାଯାଇଥିବା ସୂଚନା ମିଳିଛି।

ଭାରତୀୟ ଭିସା ଆବେଦନ କେନ୍ଦ୍ର ୱେବସାଇଟରେ ଆବେଦନକାରୀଙ୍କୁ ସୂଚନା ଦିଆଯାଇଛି ଯେ ପରବର୍ତ୍ତୀ ତାରିଖ ଏସଏମଏସ ମାଧ୍ୟମରେ ଜଣାଇଦିଆଯିବ ଏବଂ ପରବର୍ତ୍ତୀ କାର୍ଯ୍ୟ ଦିବସରେ ପାସପୋର୍ଟ ସଂଗ୍ରହ କରାଯିବା ଉଚିତ।

ଅସ୍ଥିର ପରିସ୍ଥିତି ହେତୁ ପରବର୍ତ୍ତୀ ସୂଚନା ତାରିଖ ପର୍ଯ୍ୟନ୍ତ ସମସ୍ତ ଭାରତୀୟ ଭିସା ଆବେଦନ କେନ୍ଦ୍ର ବନ୍ଦ ରହିବ। ପରବର୍ତ୍ତୀ ଆବେଦନ ତାରିଖ (ପୃଷ୍ଠା ୭ରେ)

### ଏକାଳ ସକାଳ



ଆଳୁ ଆଳୁ ଆଳୁ
ଆଉ କଣ କିଛି ଅଛି
ନେତାଙ୍କର କଅଁଳ କଥାରେ
ଦୁଃଖ ହେଉନାହିଁ ପୋଛି
ଶବ୍ଦ ଗୁଡା ବାଛି ବାଛି
କବିତା ମାଳାରେ ଗୁନ୍ଥିଲେ ଭଲ
ବଜାରରେ ନାହିଁ କିଛି।

## ରେକର୍ଡ କରିବ ଇସ୍ରୋ, ଅଗଷ୍ଟ ୧୫ରେ ଲଞ୍ଚ୍ କରିବ ଭିନ୍ନ ଧରଣର ସାଟେଲାଇଟ୍



**ହାଇଦ୍ରାବାଦ,୮।୮**

ସ୍ୱାଧୀନତା ଦିବସରେ ଭାରତ ଆଉ ଏକ ଇତିହାସ ରଚିବାକୁ ଯାଉଛି। ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଖୁବ୍‌ଶୀଘ୍ର ଏହାର ସର୍ବଶେଷ ଅର୍ଥାତ୍ ଅବଜରଭେସନ ସାଟେଲାଇଟ ଯଥା ଇଓଏସ୍-୮ ଉତ୍କ୍ଷେପଣ କରିବାକୁ ଯାଉଛି।

ଅଗଷ୍ଟ ୧୫ରେ ଏସ୍ଏସ୍ଏଲ୍‌ଭି-ଡି୩ ରକେଟ୍‌ରେ ଆର୍ଥ ଅବଜରଭେସନ ସାଟେଲାଇଟ ଇଓଏସ୍-୮ ଶ୍ରୀହରିକୋଟାରୁ ସକାଳ ୯ଟା ୧୭ରେ ଲଞ୍ଚ କରିବ। ଏହା ଏକ ଛୋଟ ସାଟେଲାଇଟ୍। ଏହା ଏସ୍ଏସ୍ଏଲଭିର ତୃତୀୟ ତଥା ଶେଷ ଉଡ଼ାଣ।

ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ ସେଣ୍ଟରରୁ ଏହି ଉତ୍କ୍ଷେପଣ ହେବ। ୧୭୫.୫ କିଲୋଗ୍ରାମ ଓଜନର ଏହି ଉପଗ୍ରହଟି ପରିବେଶ ମନିଟରିଂ, ବିପର୍ଯ୍ୟୟ ପରିଚାଳନା ଏବଂ ବୈଷୟିକ ପ୍ରଦର୍ଶନ ପାଇଁ ବ୍ୟବହୃତ ହୁଏ।

ଏହି ଫଟୋଗୁଡ଼ିକ ବିପର୍ଯ୍ୟୟ ବିଷୟରେ ସୂଚନା ପ୍ରଦାନ କରିବ। ଜଙ୍ଗଲ ଅଗ୍ନି ପରି, ଆଗ୍ନେୟଗିରି କାର୍ଯ୍ୟକଳାପ ସମୁଦ୍ର ପୃଷ୍ଠରେ ଥିବା ପବନକୁ ଜିଏନ୍ଏସ୍ଏସ୍-ଆର ମାଧ୍ୟମରେ ବିଶ୍ଳେଷଣ କରାଯିବ। ମୃତ୍ତିକାର ଆର୍ଦ୍ରତା ଏବଂ ବନ୍ୟା ପରିସ୍ଥିତି ଚିହ୍ନଟ କରିବ, ଯେଉଁଠାରେ (ପୃଷ୍ଠା ୭ରେ)

## ଲୋକସଭାରେ ପ୍ରବଳ ବିରୋଧ ମଧ୍ୟରେ ଜେପିସିକୁ ଗଲା ୱାକଫ୍ ସଂଶୋଧନ ବିଲ୍

**ନୂଆଦିଲ୍ଲୀ : ୮।୮**

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଗୁରୁବାର ଲୋକସଭାରେ ୱାକଫ ବୋର୍ଡ ଆଇନରେ ସଂଶୋଧନ ସଂକ୍ରାନ୍ତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିଛନ୍ତି। ୱାକଫ ବୋର୍ଡ ଆଇନରେ ସଂଶୋଧନ ବିଲ ଆଗତ ହେବା ମାତ୍ରେ ଲୋକସଭାରେ ହଟ୍ଟଗୋଳ ହୋଇଥିଲା। ବିରୋଧୀ କଂଗ୍ରେସ, ଟିଏମସି ଓ ସମାଜବାଦୀ ପାର୍ଟି ଏହି ବିଲ୍‌କୁ ଜୋରଦାର ବିରୋଧ କରିଥିଲେ। ସଂସଦରେ ପ୍ରବଳ ହଟ୍ଟଗୋଳ ପରେ କେନ୍ଦ୍ରମନ୍ତ୍ରୀ ରିଜିଜୁ କହିଛନ୍ତି ଯେ ସରକାର ୱାକଫ (ସଂଶୋଧନ) ବିଲ୍‌କୁ ଯୁଗ୍ମ ସଂସଦୀୟ



କମିଟି (ଜେପିସି)କୁ ପଠାଇଛନ୍ତି।

ଟିଏମସି ସାଂସଦ ସୌଗତ ରାୟ କହିଛନ୍ତି ଯେ ସରକାର ୱାକଫ ବୋର୍ଡ ସମ୍ପତ୍ତିକୁ ନିଜ (ପୃଷ୍ଠା ୭ରେ)

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି। ଜାନୁୟାରିରେ ସ୍ଥିତି ଓଲଟା ଥିଲା। ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ଫେବ୍ରୁୟାରିରେ ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି। ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି। ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।'

ସତ୍ୟ ପାଶେ ଶାନ୍ତି ଦେଲ
ଦୟା ପାଶେ କ୍ଷମା ଦେଲ
ନାମ ଥୋଇ ଅନାମକୁ
ଗୁପତ କରିଲ
ହେ ପ୍ରଭୁ ଜଗତନାଥ
ମୁଁ
କୁହାର କୁହ (୫)

ସବୁ ଦେଇ ଶୂନ୍ୟ କଲ
ଶୂନ୍ୟ ବ୍ରହ୍ମ ବୋଲାଇଲ
ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ
ଅଭିକି ନ ଦେଲ
ହେ ପ୍ରଭୁ ଜଗତନାଥ
ମୁଁ
କାହାର କୁହ (୬)

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କର୍ଣ୍ଣରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)
(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୪୬



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

କେତେ କେତେ ହସ ଖୁସି ଆଉ ତତ୍‌ସହିତ ଯନ୍ତ୍ରଣାର ମହାସାଗରକୁ ପାର ହେଉଥିବା ସମୟର ଲୋମଟାଙ୍କୁରା ଅଧ୍ୟାୟକୁ ସ୍ମରଣ କରିବାରେ ଲାଗିଛନ୍ତି ଶ୍ରୀରାମ। ଆଖିରୁ ଲୁହ ଝରିଯାଉଛି ଅସରନ୍ତି ବାରିଧାରା ରୂପରେ। ବର୍ଷେ କିମ୍ବା ଦୁଇ ବର୍ଷର କାହାଣୀ ଇଏ ନୁହେଁ। ଦୀର୍ଘ ଚଉଦ ବର୍ଷର ଲହୁ, ଲୁହ ଭରା ଜୀବନ ସଂଘର୍ଷର କାହାଣୀ ଇଏ। ଯେତେ ବର୍ଣ୍ଣନା କଲେ ବି, ଯେଉଁ ଭାଷା ଯେଉଁ ଶବ୍ଦରେ ବର୍ଣ୍ଣନା କଲେ ବି ଏ କାହାଣୀ ସରିବନି। ପ୍ରତି ମୁହୂର୍ତ୍ତରେ ଭୟାନକ ଯୁଦ୍ଧ। ରକ୍ତପାତ, ମୃତ୍ୟୁର ତାଣ୍ଡବ ଲୀଳାରେ ପରିପୂର୍ଣ୍ଣ ଆମ ଦୁଇ ଭାଇଙ୍କ ଜୀବନ। କେତେବେଳେ କିଏ କାହାକୁ ଛାଡି ଚାଲିଯିବ। ଏଇ ଘୂର୍ଣ୍ଣିବଳୟ ମଧ୍ୟରେ ଆମେ ବଞ୍ଚିଥିଲୁ ଋଷ୍ୟମୂକ, ଚିତ୍ରକୁଟ, ପଞ୍ଚବଟୀର ନିବିଡ ଅରଣ୍ୟ ମଧ୍ୟରେ, କେହି ନଥିଲେ ଆମ ପାଖରେ ଆହା ବୋଲି ପଦେ କହିବାକୁ। ଅରଣ୍ୟର ବାନର, ଭଲ୍ଲୁକ, ଯକ୍ଷ, ରାକ୍ଷସ, ବନବାସୀ ଶବର, ଶବରୀ ମାନଙ୍କ ଗହଣରେ, ଏଇମାନେ ହିଁ ହେଲେ ଆମର ଜୀବନ ରକ୍ଷକ, ମିତ୍ର, ସହୋଦର। ଜାନକୀ ଆଉ ଆମେ ଦୁଇଭାଇ ରହିଲୁ ପଞ୍ଚବାଟୀର ପର୍ଣ୍ଣ କୁଟୀରରେ। ଭାଇ ଲକ୍ଷ୍ମଣ ମୋର ଯାଇଥିବ ନିବିଡ ଅରଣ୍ୟ ମଧ୍ୟକୁ ଫଳମୂଳ ଆଣି ଆମକୁ ଖାଇବାକୁ ହେବ। ଯେତେଥର ମୁଁ ଲକ୍ଷ୍ମଣକୁ ବାରଣ କରି କହିଛି "ହେ ଲକ୍ଷ୍ମଣ ! ମୁଁ ଆଜି ଅରଣ୍ୟକୁ ଯିବି ଫଳ ସଂଗ୍ରହ ପାଇଁ, ତୁ କିଛି ସମୟ ପାଇଁ ଏ କୁଡିଆରେ ଟିକେ ବିଶ୍ରାମ କର। କେବେ ବି ମୋତେ ଛାଡିବନି, ସହସ୍ର ସହସ୍ରବାର କହି କହି ନିରାଶ ହେଲି କିନ୍ତୁ ଯେତେବେଳେ ସେ ମୋ କଥା ମାନିଲାନି ସେତେବେଳେ ମୁଁ ନୀରବ ରହିବା ପାଇଁ ବାଧ୍ୟ ହେଲି। ସୂର୍ଯ୍ୟୋଦୟ ପୂର୍ବରୁ ଯିବ ଫଳମୂଳ ସଂଗ୍ରହ କରିବା ପାଇଁ। ପଞ୍ଚବଟୀର ଦ୍ୱାର ଦେଶରେ ବସି ମୁଁ ଲକ୍ଷ୍ମଣକୁ ଚାତକ ପକ୍ଷୀଟିଏ ଭଳି ଚାହିଁ ରହିଥିବି। ଯେତେବେଳେ ବିଳମ୍ବ ହୋଇଯାଇଥିବ, ମନ ମଧ୍ୟରେ ଗୋଟାଏ ଛନକା ପଶି ଯାଉଥିବ, ଭାବୁଥିବି, କାଳେ ମୋର ଲକ୍ଷ୍ମଣକୁ ଅରଣ୍ୟ ମଧ୍ୟରେ କିଛି ବିପଦ ପଡିଲାକି ଆଖିରେ ମୋର ଲୁହ ଆସି ଯାଉଥିବ। ବାତଚକ୍ର ଭଳି ମୋର ମୁଣ୍ଡ ଘୂରେଇ ହେଉଥିବ, ଘର୍ମାକ୍ତ କପାଳରେ କରମାରି ଚିନ୍ତା କରୁଥିବି କାଳେ ମୋର ଭାଇ ବ୍ୟାଘ୍ର, ଭଲ୍ଲୁକ ଆକ୍ରମଣର ଶୀକାର ହେଲାକି ? କ'ଣ କରିବି, କୁଆଡକୁ ଯିବି, ଏହି କଥା ଭାବି ଭାବି ମୋର ମୁଣ୍ଡ ଚେତାଶୂନ୍ୟ ଭଳି ଲାଗୁଥିବ। ଭାବୁଥିବି ଯେଉଁଭାଇ ରାଜ ପ୍ରାସାଦର ତୁଳିତଳ୍ପ ଶଯ୍ୟାକୁ ତ୍ୟାଗ କରିଦେଲା, ପତ୍ନୀର କେତେ ଆଶା, ଭରସା, ଅସୁମାରୀ ସ୍ୱପ୍ନକୁ ତ୍ୟାଗ କରିଦେଇ ମୋ ସାଥିରେ ଗୋଟାଏ ଅବୋଧ ବାଳକ ଭଳି ଚାଲି ଆସିଲା, ଯଦି ତା'ର କିଛି ହୋଇଯାଏ। ଜାନକୀ ଆଉ ମୁଁ ମୁହୂର୍ତ୍ତଟିଏ ବଞ୍ଚି ପାରିବୁ ନାହିଁ। ଏହି କଥା ଚିନ୍ତା କରୁଥିବା ବେଳେ ଲକ୍ଷ୍ମଣ ଆସି ମୋ ନିକଟରେ ଛିଡା ହୋଇ ଯାଇଥିବ। ଦେହ ସାରା ଅସରନ୍ତି ଶ୍ରମଝାଳ ବହି ଯାଉଥିବ। ମୋ ଦେହ ଯେତେବେଳେ ଖରାପ ହୋଇଯାଇଥିବ ସେତେବେଳେ ରାତି ରାତି ମୋ ପାଖରେ ବସି ଆଖିରେ ତା'ର ଲୁହ ଝାଳ ଆବେଗରେ ମୋ ଦେହ ଆଉଁସି ଦେଉଥିବ। ଯେତେ ରାତି ହେଉ ପଛେ ଚେର ମୂଳି ଔଷଧ ସଂଗ୍ରହ କରି ମୋତେ ଦେବ ସେବନ କରିବାକୁ, ଭଲ କଲାପରେ ଯାଇ ସେ ନିଶ୍ଚିନ୍ତ ହେବ। ଜୀବନ ସାରା ସେ ସୁଖ ବୋଲି କ'ଣ ଜାଣିନି। ସେ ଚଉଦ ବର୍ଷ ଅନାହାରରେ ରହୁଥିବାର ଖବର ଶୁଣିଲି ସେ ଦିନ, ଯେଉଁଦିନ ଇନ୍ଦ୍ରଜିତକୁ ନିଧନ କରିବାର ଜୀବନ ସଂଘର୍ଷର ଲହୁଲୁହ ଭରା ଘଟଣାକୁ ବଖାଣୁଥିଲା ସମସ୍ତ ମୁନି ଋଷିମାନଙ୍କ ସମ୍ମୁଖରେ। ଜୀବନ ବ୍ୟାପି, ତପସ୍ୟା ତ୍ୟାଗ, ସାଧନା ସବୁକୁ ମୋତେ ସମର୍ପଣ କରିଦେଇ ମୋତେ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖିଥିବା ସେହି ଲକ୍ଷ୍ମଣକୁ ମୁଁ ଇହଧାମରୁ ବିଦାୟ ଦେବି କେମିତି ? ମନେ ପଡୁଛି ଆଜି ସେହି ଦିନର କଥା, ଯେଉଁଦିନ ଲଙ୍କାର ରାଜା ରାବଣର ଭଣଜା ମାୟାମୃଗ ରୂପ ଧାରଣ କରି ପଞ୍ଚବଟୀର କୁଡିଆ ସମ୍ମୁଖରେ ବିଦ୍ୟମାନ ହୋଇଥିଲା, ସେଦିନ ମୋତେ ଜାନକୀ କହିଲେ ସେ ମୃଗକୁ ହତ୍ୟାକରି କୁଟୀର ମଧ୍ୟକୁ ନେଇ ଆସିବା ପାଇଁ। ବାସ୍ତବିକ୍ ବଡ ବିଚିତ୍ର ଲାଗୁଥିଲା ସେ ମୃଗର ଚରିତ୍ର, ମୃଗର ଦେହ ଦେଖାଯାଉଥିଲା ସୁବର୍ଣ୍ଣମୟ। ଜନକ ନନ୍ଦିନୀଙ୍କ କଥାରେ ପ୍ରଲୋଭିତ ହୋଇ ମୁଁ କାଣ୍ଡ କୋଦଣ୍ଡ ଧରି ପ୍ରସ୍ତୁତ ହୋଇଗଲି ସେହି ସୁବର୍ଣ୍ଣ ମୃଗକୁ ଅକ୍ଷତ ଅବସ୍ଥାରେ ଧରିବି, ନଚେତ୍ ଶର ବିନ୍ଧିକରି ମୋର ପର୍ଣ୍ଣକୁଟୀରକୁ ନେଇ ଆସିବି। (କ୍ରମଶଃ)

# ପୁଣି ଥରେ ହେଉ ସର୍ଜିକାଲ ଷ୍ଟ୍ରାଇକ



ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର,
ମୋ-୭୦୨୦୬୧୧୩୦୦

ଏକବିଂଶ ଶତାବ୍ଦୀରେ ଆତଙ୍କବାଦ ଏକ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ । ବିଶ୍ୱ ବ୍ୟାପି ସମସ୍ୟା ଭାବେ ଏହା ଉଭା ହୋଇଛି । ଆନ୍ତର୍ଜାତୀୟ ଶାନ୍ତି ଏବଂ ନିରାପତ୍ତା ପାଇଁ ଏହା ମୁଖ୍ୟ ପ୍ରତିବନ୍ଧକ । ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଧ୍ୱଂସର ତାଣ୍ଡବଲୀଳା ରଚିବା ଏବଂ ହିଂସା ମାଧ୍ୟମରେ ବର୍ବରତା ଓ ନିଷ୍ଠୁରତାର ସହ ନିରୀହ ମନୁଷ୍ୟକୁ ହତ୍ୟା କରିବା । ଆତଙ୍କବାଦୀ ମାନେ ସମଗ୍ର ମାନବ ଜାତି ପାଇଁ କଳଙ୍କ। ସେମାନଙ୍କ ପାଖରେ ମନୁଷ୍ୟତ୍ୱ ନଥାଏ । ଆତଙ୍କବାଦୀଙ୍କ ପାଖରେ କୌଣସି ମାନବୀୟ ଗୁଣ ନଥାଏ। ଦୟା, କ୍ଷମା, ସହନଶୀଳତା, ସାଧୁତା, ନମ୍ରତା, ଭଳି ମହନୀୟ ଗୁଣ ତାଙ୍କ ପାଖରେ ଆଶା କରିବା ସୈତାନର ବେଦ ପାଠ ସଦୃଶ । ଆତଙ୍କବାଦର ଫରାସୀ ଶବ୍ଦ 'ଟେରୋରିଜମେ' ଯାହା ଲାଟିନ କ୍ରିୟା ଟେରେରେରୁ ଆସୁଅଛି । ଏହାର ଅର୍ଥ ଭୟ ଦେଖାଇବା । ଆତଙ୍କବାଦ ଏକ ପନ୍ଥା ଯାହାଦ୍ୱାରା ଏକ ସଂଗଠିତ ଗୋଷ୍ଠୀ ବା ଦଳ ନିଜର ଲକ୍ଷ୍ୟ ସାଧନ ପାଇଁ ହିଂସାର ପଦ୍ଧତି ଅବଲମ୍ବନ କରନ୍ତି । 'ହାନସ ଯେ ମୋର୍ଗେନଥାଉ' ମତରେ 'ଖରାପ ଲୋକମାନେ ଯାହା କରନ୍ତି ତାହା ହେଉଛି ଆତଙ୍କବାଦ' । ଜଣେ ଚୀନ ଦାର୍ଶନିକଙ୍କ ମତରେ ଆତଙ୍କବାଦର ମୁଖ୍ୟ ଲକ୍ଷ୍ୟ ହେଉଛି ଜଣକୁ ହତ୍ୟା କରି ଅନେକଙ୍କୁ ଭୟଭୀତ କରାଇବା ।

ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ମନୁଷ୍ୟ ଶ୍ରେଷ୍ଠ ଜୀବ । ମାନବ ଜନ୍ମର ସାର୍ଥକତା ଥାଏ ସୁନ୍ଦର ସମାଜ ଗଠନରେ । ମାତ୍ର ଅନେକ ସମୟରେ ନିର୍ବୋଧ ସ୍ୱାର୍ଥପର ମାନବ ପରିବେଶ ଓ ପରିସ୍ଥିତିର ପ୍ରଭାବରେ ପାଶବିକ ଆଚରଣ କରିଥାଏ ଏବଂ ନିଜ ପ୍ରାଣରେ ଭରିଦିଏ ପଶୁତ୍ୱ । ଏହି ପଶୁତ୍ୱରୁ ଜନ୍ମ ହୁଏ ଆତଙ୍କବାଦ । ମନୁଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥବାଦୀ ଅଭିଳାଷା ଚରିତାର୍ଥ କରିବା ନିମନ୍ତେ ବାଛିନିଏ ଆତଙ୍କର ପଥ,ଖେଳେ ରକ୍ତର ପୈଶାଚିକ ହୋଲି । ସେ କେବଳ ବୁଝେ ବନ୍ଧୁକ ଗୁଳିଗୋଳା ଓ ରକ୍ତର ପରିଭାଷା । ହିଂସା ହୁଏ ତାର ଅଳଙ୍କାର । ଏହି ଆତଙ୍କବାଦ ଭାରତବର୍ଷ ତଥା ସମଗ୍ର ବିଶ୍ୱର ଅନେକ ଦେଶକୁ କବଳିତ କରିଛି। ଏହିଭଳି ପରିସ୍ଥିତିକୁ ଲକ୍ଷ୍ୟ କରି କୁହାଯାଇଛି ।'ମାନବ ପିଶାଚ କରିଅଛି ଆଜି ଭାରତ ମାକୁ ବନ୍ଦୀ କେତେ ନରହନ୍ତା କରନ୍ତି ତାଣ୍ଡବ ନେତ୍ରରେ ପୁଟୁଳୀ ବାନ୍ଧି 'ମୁମ୍ବାଇର ୨୬/୧୧ ଆତ୍ମଘାତୀ ଆକ୍ରମଣରେ ୨୫୦ରୁ ଅଧିକ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ।

ଆତଙ୍କବାଦ ଭାରତ ତଥା ବିଶ୍ୱ ପାଇଁ ପ୍ରମୁଖ ସମସ୍ୟା ଭାବେ ଦଣ୍ଡାୟମାନ । ଆତଙ୍କବାଦ କୌଣସି ଏକ ରାଷ୍ଟ୍ରର ଉନ୍ନତିର ପ୍ରତିବନ୍ଧକ । ଆମ ରାଷ୍ଟ୍ର ଭାରତ ସଦାସର୍ବଦା ଶାନ୍ତିପ୍ରିୟ । ଅନ୍ୟ ରାଷ୍ଟ୍ର ପାଇଁ ଭାରତ ପ୍ରେରଣାର ଉତ୍ସ । ବିଶ୍ୱର ଅନେକ ରାଷ୍ଟ୍ର ଭାରତକୁ ଆଦର୍ଶ ମନେକରନ୍ତି । ଆମ ରାଷ୍ଟ୍ର ଭାରତ ଦେବଭୂମି, ପୁଣ୍ୟଭୂମି, ଅନେକ ମହାପୁରୁଷଙ୍କ ଆବିର୍ଭାବ ହେଇଚି ଏଠାରେ । ରକ୍ତାକ୍ତ ସଂଘର୍ଷକୁ ଭାରତ ନାପସନ୍ଦ କରେ। ଅହିଂସା ଓ ଭାତୃତ୍ୱ ଆମ ରାଷ୍ଟ୍ର ଭାରତର ନୀତି ଓ ଆଦର୍ଶ । 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ ସାରା ବିଶ୍ୱକୁ ଆମେ ନିଜର ପରିବାର ମାନିଥାଉ । ବନ୍ୟା, ବାତ୍ୟା, ମରୁଡି, ଭୂସ୍ଖଳନ, ଭୂମିକମ୍ପ, ସୁନାମି ପରି ପ୍ରାକୃତିକ ବିପତ୍ତି ସମୟରେ ପଡୋଶୀ ରାଷ୍ଟ୍ର ମାନଙ୍କୁ ସଦାସର୍ବଦା ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛି ଆମ ରାଷ୍ଟ୍ର ଭାରତ । ଅତିଥି ଦେବୋ ଭବଃ ନୀତି ଓ ଆଦର୍ଶରେ ଭାରତ ପରିଚାଳିତ ।

ଇତିହାସର ପୃଷ୍ଠାକୁ ଆଲୋଚନା ଏବଂ ପ୍ରଯ୍ୟାଲୋଚନା କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ଆମ ଦେବଭୂମି,ପୂର୍ଣ୍ଣ୍ୟଭୂମି, ମାତୃଭୂମି ଭାରତ ସର୍ବଦା ଶାନ୍ତିପ୍ରିୟ, ନୀତି, ଆଦର୍ଶ, ନୈତିକତାକୁ ପ୍ରାଧାନ୍ୟ ଦିଏ ।ସେଥିପାଇଁ ଆମ ରାଷ୍ଟ୍ର ଶ୍ରେଷ୍ଠ ଓ ମହାନ । ଆମେ ଭାରତବାସୀ ସେଥିପାଇଁ ଗର୍ବିତ । ଭୟଙ୍କର ମହାମାରୀ କରୋନା ସମୟରେ ଉଭୟ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରକୁ ସହାୟତା କରି ଉଦାହରଣ ସୃଷ୍ଟି କରିଥିଲା ଆମ ରାଷ୍ଟ୍ର ଭାରତ । ଏହାକୁ କୌଣସି ରାଷ୍ଟ୍ର ଅସ୍ୱୀକାର କରିପାରିବ ନାହିଁ। ଭାରତର ପଡୋଶୀ ରାଷ୍ଟ୍ର ଯେପରି ଚୀନ, ପାକିସ୍ତାନ, ଆଫଗାନିସ୍ଥାନ, ନେପାଳ, ବାଂଲାଦେଶ, ଭୁଟାନ ପରି ଅନେକ ରାଷ୍ଟ୍ରଙ୍କ ବିପତ୍ତି ସମୟରେ ଆମ ରାଷ୍ଟ୍ର ଭାରତ ଯଥାସମ୍ଭବ ସାହାଯ୍ୟ କରି ବନ୍ଧୁତ୍ୱର ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିଛି । ସେଥିପାଇଁ ଆମ ରାଷ୍ଟ୍ର ଭାରତ ସର୍ବଶ୍ରେଷ୍ଠ । ଅନ୍ୟ ରାଷ୍ଟ୍ର ପାଇଁ ଭାରତ ପ୍ରେରଣାଦାୟୀ ।

ଆମ ରାଷ୍ଟ୍ର ଭାରତ କୌଣସି ପରିସ୍ଥିତିରେ ଆମର ପଡୋଶୀ ରାଷ୍ଟ୍ରମାନଙ୍କ ସହ ବିଶ୍ୱାସଘାତ କରିନଥାଏ । କିନ୍ତୁ ଚୀନ, ପାକିସ୍ତାନ, କାନାଡ଼ା ପରି ରାଷ୍ଟ୍ର ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ଭାରତ ବିରୁଦ୍ଧରେ ଆତଙ୍କବାଦୀଙ୍କ ଦ୍ୱାରା ଷଡଯନ୍ତ୍ର କରୁଛନ୍ତି । ଆତଙ୍କବାଦୀଙ୍କ କ୍ଷମତା ଏବଂ କାୟାବିସ୍ତାର ପାଇଁ ସେମାନଙ୍କୁ ପାଣ୍ଠି ଯୋଗାଉଛନ୍ତି ଏବଂ ଭାରତ ବିରୁଦ୍ଧରେ ବିଭିନ୍ନ ଅସାମାଜିକ କାର୍ଯ୍ୟ, ଦେଶବିରୋଧୀ ଗତିବିଧି ଚାଲୁରଖିଛନ୍ତି । ବନ୍ଧୁତ୍ୱ ପରି ପବିତ୍ର ଶବ୍ଦକୁ ଏହିପରି ରାଷ୍ଟ୍ର କଳଙ୍କିତ କରୁଛନ୍ତି ।

ଏହିପରି ରାଷ୍ଟ୍ର ଆତଙ୍କୀ ସଂଗଠନ ମାନଙ୍କୁ ବିପୁଳ ପାଣ୍ଠି ଯୋଗାଉଛନ୍ତି ଯେପରି ଆତଙ୍କବାଦୀ ମାନେ ଆମ ଦେଶରେ ବିପୁଳ କ୍ଷତି ଘଟାଇବେ ଏବଂ ଆମ ଅର୍ଥନୀତିକୁ ଦୁର୍ବଳ କରିବେ । ଏହାହିଁ ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ।

କ୍ଷମତା ମୋହରେ ଅନ୍ଧ ହୋଇ ପାକିସ୍ତାନର ମନ୍ତ୍ରୀମଣ୍ଡଳ, ଶାସନ ବ୍ୟବସ୍ଥା, ସରକାର ସମସ୍ତେ ନିଜ ସେନାର ଗୁଲାମୀ କରିଥାନ୍ତି ।ପ୍ରକୃତ କ୍ଷମତା ପାକିସ୍ଥାନର ସେନା ହାତରେ ରହିଥାଏ । ରିମୋଟ କଂଟ୍ରୋଲ ସେନା ହାତରେ ରହିଥାଏ । ସେନାର ଇସାରାରେ ସବୁକିଛି ହୋଇଥାଏ ପାକିସ୍ଥାନରେ । ପାକିସ୍ଥାନ ସରକାର ନିଜ ସେନାର ପ୍ରରୋଚନାରେ ଆତଙ୍କବାଦୀଙ୍କୁ ନିଜ ଦେଶରେ ପ୍ରଶୟ ଦିଏ ଏବଂ ତାଙ୍କର ହର୍ତ୍ତା କର୍ତ୍ତା ଦୈବ୍ୟ ବିଧାତା ସାଜିଥାଏ । ବଡ଼ ବଡ଼ ପ୍ରମୁଖ ଆତଙ୍କବାଦୀ ସଙ୍ଗଠନ ପାଇଁ ବିଶ୍ୱଦରବାରରେ ଓକିଲାତି କରେ ପାକିସ୍ଥାନ । ଏହା ଆମ ପଡୋଶୀ ରାଷ୍ଟ୍ର ପାକିସ୍ଥାନର ଅସଲ ଚରିତ୍ର । ମୁମ୍ବାଇ ଆକ୍ରମଣରେ ଧରାପଡିଥିବା ମୁଖ୍ୟ ଖଳନାୟକ କସାବକୁ ଭାରତ ସରକାର ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ ।

ପୁଲଓ୍ୱାମାରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୪୦ରୁ ଉର୍ଦ୍ଧ ଆମ ଦେଶର ଲଢୁଆ ସାହସୀ ବୀର ଯବାନ ସହୀଦ ହୋଇଥିଲେ। ଏହାର ପ୍ରତିଶୋଧ ସ୍ୱରୂପ ଭାରତୀୟ ବାୟୁସେନା ଆତଙ୍କବାଦୀଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ କରି ୧୪୦କୋଟି ଭାରତୀୟଙ୍କ ଦୁଃଖ ଓ କ୍ରୋଧ ଜର୍ଜରିତ ହୃଦୟରେ ଆନନ୍ଦର ଲହରୀ ସୃଷ୍ଟି କରିଥିଲେ । 'ସେଣ୍ଟର ଫ୍ରୋ ରିସର୍ଚ୍ଚ ଷ୍ଟଡି' ପାକିସ୍ଥାନ ପକ୍ଷରୁ ଆସିଥିବା ରିପୋର୍ଟ ଅନୁସାରେ ଆତଙ୍କବାଦୀଙ୍କ ପୋଷ୍ଟପୋଷାକତା ଓ ହର୍ତ୍ତାକର୍ତ୍ତା ଦୈବ୍ୟବିଧାତା ସାଜିଥିବା ପାକିସ୍ଥାନରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୦୨୩ରେ ୭୦୦ରୁ ଉର୍ଦ୍ଧ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଛି । ଭାରତ ସରକାରଙ୍କ ତଥ୍ୟ ଅନୁସାରେ ୧୯୭୦ରୁ ୨୦୧୫ ମଧ୍ୟରେ ଭାରତରେ ୯୯୮୨ଟି ଆତଙ୍କବାଦୀ ହମଲା ହୋଇଥିଲା ବେଳେ, ୧୮, ୮୪୨ରୁ ଉର୍ଦ୍ଧ୍ୱ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା। ୨୦୧୬ ସେପ୍ଟେମ୍ବର୧୮ରେ କାଶ୍ମୀରର ଉରୀରେ ସବୁଠୁ ଭୟାନକ ହମଲା ହୋଇଥିବା ବେଳେ ଆମ ଦେଶର ୧୯ଜଣ ସାହସୀ ବୀର ଯବାନ ସହୀଦ ହୋଇଥିଲେ । ୨୦୧୯ ଫେବୃଆରୀ୧୪ରେ ବିଶ୍ୱ ଭାଲେଣ୍ଟାଇନସ ଦିବସ ପାଳୁଥିବା ବେଳେ ଆମ ଦେଶର ବୀର ଯବାନ ୪୨ଜଣ ସହୀଦ ହୋଇଥିଲେ ।

ପାକିସ୍ତାନ ଓ କାନାଡ଼ା ଭଳି କିଛି ରାଷ୍ଟ୍ର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶୟ ଦେଉଛନ୍ତି । ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶୟ ଦେବା ଅର୍ଥ ବିଷଧର ସର୍ପକୁ ଦଂଶନ ପାଇଁ ଆମନ୍ତ୍ରଣ କରିବା ସଦୃଶ । ଭସ୍ମାସୁର ପରି ପରିସ୍ଥିତି ସୃଷ୍ଟି ହେବ, ରକ୍ଷା କରିବା ପାଇଁ କେହିନଥିବେ । ସେଥିପାଇଁ ଆମ ଭାଗବତ ରେ କୁହାଯାଇଛି

**'ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତାର ପ୍ରତିବାଦୀ'**

ଭାରତରେ କ୍ରମାଗତ ଭାବେ ହେଉଥିବା ଆତଙ୍କବାଦୀ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ଏକ ସୁଚିନ୍ତିତ ରଣନୀତି ଭାରତୀୟ ସେନା ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ଏହାର ମୁଖ୍ୟ କାରଣ ଥିଲା ଆତଙ୍କବାଦୀଙ୍କ ଉରି ଆକ୍ରମଣ ଘଟଣା ।୨୦୧୬ମସିହା ୧୮ସେପ୍ଟମ୍ବର ବିଳମ୍ବିତ ରାତିରେ ଉରି ଉତ୍ତର କାଶ୍ମୀରର ବାରମୂଳା ଜିଲ୍ଲାରେ ଭାରତୀୟ ଯବାନଙ୍କ ସେନା ଶିବିର ଉପରେ ଆତ୍ମଘାତୀ ଆକ୍ରମଣ କରିଥିଲେ ପାକିସ୍ଥାନର ଆତଙ୍କବାଦୀ । । ଶୈତାନ ଅମାନବୀୟ ପିଶାଚ ଆତଙ୍କବାଦୀ ମାନେ ନିଦରେ ଶୋଇଥିବା ଭାରତୀୟ ଯବାନଙ୍କୁ ହତ୍ୟା କରିଥିଲେ । ଏହି ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ନିଜର ରଣକୌଶଳ ପ୍ରସ୍ତୁତ କରିଥିଲା ଯେତେବେଳେ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ ଏବଂ କହିଥିଲେ ବ୍ୟର୍ଥ ଯିବନି ଆମର ବୀର ଯବାନଙ୍କ ବଳିଦାନ । ଶତ୍ରୁପକ୍ଷ ସୀମାରେ ପଶି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସାମରିକ କାର୍ଯ୍ୟାନୁଷ୍ଠାନ ହେଉଛି ସର୍ଜିକାଲ ଷ୍ଟ୍ରାଇକ । ଏହି ପ୍ରଧତିରେ ସର୍ବଦା ଇସ୍ରାଏଲ ପରି ରାଷ୍ଟ୍ର ନିଜ ଶତ୍ରୁକୁ ଦମନ କରିଥାଏ । ୨୦୧୬ମସିହା ସେପ୍ଟେମ୍ବର୨୪ ତାରିଖରେ ପ୍ରଥମ ସର୍ଜିକାଲ ଷ୍ଟ୍ରାଇକ ପାଇଁ ରଣନୀତି ରଚିଥିଲା ଆମ ଭାରତୀୟ ସେନା। ଆଉ ସେତେବେଳେ ପାକିସ୍ଥାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କୀ ଶିବିରକୁ ସଂପୂର୍ଣ୍ଣ ଧ୍ୱଂସ କରିବାକୁ ଭାରତର ଘାତକ କମାଣ୍ଡୋମାନେ ୨୦୧୬ମସିହା ସେପ୍ଟମ୍ବର ୨୮ଏବଂ ୨୯ ମଧ୍ୟରାତ୍ରିରେ କରିଥିଲେ ଭୟଙ୍କର ଆକ୍ରମଣ । ଆଖିପିଛୁଳାକେ ଆତଙ୍କୀ ଶିବିରକୁ ଧ୍ୱଂସ କରିଦେଇଥିଲେ ଆମ ଭାରତୀୟ ସେନା ଏବଂ ଏହି ଅପେରସନରେ ଅନେକ ଆତଙ୍କବାଦୀ ମୃତାହତ ହୋଇଥିଲେ। ସାରା ବିଶ୍ୱ ଦେଖିଥିଲା ଭାରତର ସାମରିକ ଶକ୍ତି। ରକ୍ତର ପ୍ରତିଶୋଧ ରକ୍ତରେ ନେଇଥିଲେ ଆମ ଦେଶର ଲଢୁଆ ବୀର ସାହସୀ ଯବାନ । ସର୍ବଦା ଶାନ୍ତିରେ ବିଶ୍ୱାସ ରଖୁଥିବା ଭାରତକୁ ଉସକାଇଥିଲେ ଆତଙ୍କବାଦୀ ମାନେ ।ଅନେକ ଆତଙ୍କୀ ଶିବିର ନିଜର ଅସ୍ତିତ୍ୱ ହରାଇଥିଲା। ଭାରତର ଲଢୁଆ ବୀର ଯବାନଙ୍କ ପ୍ରତିରୋଧ କରିବାର ସାମର୍ଥ କାପୁରୁଷ ଆତଙ୍କବାଦୀଙ୍କର ନଥିଲା । ପାଖାପାଖି ୩ଘଣ୍ଟାର ସର୍ଜିକାଲ ଷ୍ଟ୍ରାଇକ ପରେ ପାକିସ୍ଥାନ ଅଧିକୃତ କାଶ୍ମୀରର ସମସ୍ତ ଆତଙ୍କୀ ଶିବିର ଜଳିପୋଡି ପାଉଁଶ ହୋଇ ଯାଇଥିଲା। ଭାରତୀୟ ଯବାନଙ୍କ ବୀରତ୍ୱର ଅମର ଗାଥା ଇତିହାସର ସୁନେଲି ଅକ୍ଷରରେ ଲିପିବଦ୍ଧ ହୋଇରହିବ। ଏବେ ନିକଟରେ ଜମ୍ମୁକାଶ୍ମୀରର ଡୋଡ଼ା ଜିଲ୍ଲାରେ ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀ ମଧ୍ୟରେ ଗୁଳି ବିନିମୟ ବେଳେ ୪ଜଣ ଯବାନ ସହିଦ ହୋଇଯାଇଛନ୍ତି । ଗତ କିଛି ଦିନ ମଧ୍ୟରେ ଜମ୍ମୁର ବିଭିନ୍ନ ସ୍ଥାନରେ ବାରମ୍ବାର ଆତଙ୍କବାଦୀ ଆକ୍ରମଣ ହେଉଛି । ୩୨ମାସ ଭିତରେ ଜମ୍ମୁଅଞ୍ଚଳରେ ସହିଦ ହୋଇଥିବା ଯବାନଙ୍କ ସଂଖ୍ୟା ୪୮କୁ ବୃଦ୍ଧି ପାଇଛି। ଆମ ଦେଶର ଲଢୁଆ ବୀର ସାହସୀ ଯବାନଙ୍କ ବଳିଦାନ ଯେପରି ବ୍ୟର୍ଥ ନଯାଉ ସେଥିପାଇଁ ଆତଙ୍କବାଦୀଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ପଡ଼ିବ ଏବଂ ଆଉ ଥରେ ସର୍ଜିକାଲ ଷ୍ଟ୍ରାଇକ ପରି ବଡ଼ ଅପେରସନ କରିବାକୁ ପଡ଼ିବ। ଏହା ହୋଇପାରିଲେ ଆମର ସହିଦ ଯବାନଙ୍କ ପାଇଁ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

# ଯଶସ୍ୱୀ ସାମ୍ବାଦିକ ବରେନ୍ଦ୍ରକୃଷ୍ଣ ଧଳଙ୍କ ସ୍ମରଣେ



ବିବେକାନନ୍ଦ ଜେନା
ବରିଷ୍ଠ ସାମ୍ବାଦିକ
ମୋ-୯୪୩୮୩୩୬୩୧୭

ଉଚ୍ଚକୋଟୀର ନିଚ୍ଛକ ସାମ୍ବାଦିକତା ବୃତ୍ତି ନିର୍ବାହ କରି ଓଡ଼ିଶା ତଥା ଜାତୀୟସ୍ତରରେ ବେଶ୍ ସୁନାମ ହାସଲ କରିଥିବା ସାମ୍ବାଦିକଙ୍କ ମଧ୍ୟରେ ବରେନ୍ଦ୍ରକୃଷ୍ଣ ଧଳ ଅଗ୍ରଣୀ ଥିଲେ। କେବଳ ସାମ୍ବାଦିକତା ନୁହେଁ, ସଂଗଠନ, ଓଡିଆ ଭାଷା-ସାହିତ୍ୟ, ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ମଧ୍ୟ ତାଙ୍କର ବଳିଷ୍ଠ ଭୂମିକା ଅତୁଳନୀୟ। ଶେଷ ଜୀବନ ପର୍ଯ୍ୟନ୍ତ, ସତ୍ୟ, ନିରପେକ୍ଷ, ନିର୍ଭୀକ, ତଥ୍ୟଭିତ୍ତିକ ତଥା ଗଠନମୂଳକ ସାମ୍ବାଦିକତା କରିବାରେ ସେ କେବଳ ଯେ ସିଦ୍ଧହସ୍ତ ଥିଲେ ତା ନୁହେଁ, ଏସବୁ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। 'ତୁଳସୀ ଦୁଇ ପତ୍ରରୁ ବାସିଲା' ପରି ପିଲାଟି ଦିନରୁ ଜଣା ପଡିଥିଲା ବରେନ୍ଦ୍ରକୃଷ୍ଣ ଜଣେ ଯଶସ୍ୱୀ ତଥା ସଫଳ ବ୍ୟକ୍ତିତ୍ୱର ଅଧିକାରୀ ହେବେ, ସଫଳତାର ଶିଖର ଛୁଇଁବେ। ତାଙ୍କ ପିତା ସ୍ୱର୍ଗତ ସୁରେନ୍ଦ୍ରନାଥ ଶ୍ରୀଚନ୍ଦନ ଜ୍ୟୋତିଷ ଶାସ୍ତ୍ର ଆଧାରରେ ଏହି ଭବିଷ୍ୟବାଣୀ ଶୁଣାଇଥିଲେ। ପରବର୍ତ୍ତୀ ସମୟରେ ତାହା ସତ ହୋଇଥିଲା। ଜନ୍ମସ୍ଥାନ ବାଙ୍କୀ ଚର୍ଚ୍ଚିକାପୀଠରୁ ବାଲ୍ୟକାଳ ଅତିବାହିତ କରି ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରୁ ମାଟ୍ରିକ ପାସ୍ କଲାପରେ ସାଇକେଲରେ କଟକ ଚାଲିଆସିଥିଲେ ସେ। କଟକରେ ରହି କଲେଜ ଶିକ୍ଷା ଆରମ୍ଭ କରିବା ପରେ ଦୈନିକ ସମ୍ବାଦପତ୍ର 'ମାତୃଭୂମି'ରେ 'ରିପୋର୍ଟର' ଭାବେ ବରେନ୍ଦ୍ରକୃଷ୍ଣ ସାମ୍ବାଦିକତା କ୍ୟାରିଅର ଆରମ୍ଭ କରିଥିଲେ ୧୯୬୦ ମସିହାରେ। ତା'ପରେ ସେ ସାମ୍ବାଦିକତା କ୍ଷେତ୍ରରେ ଆଗୁସାର ହୋଇ ବିଭିନ୍ନ ସମ୍ବାଦପତ୍ରରେ କାମ କରିବାର ସୁଯୋଗ ପାଇଥିଲେ ଏବଂ ଜୀବନର ଶେଷ ପର୍ଯ୍ୟନ୍ତ ଏହି ମହନୀୟ ପେଷାରେ ହିଁ ବ୍ରତୀ ରହିଥିଲେ।

ଓଡ଼ିଶାର ପ୍ରାୟ ସମସ୍ତ ପ୍ରତିଷ୍ଠିତ ଦୈନିକ ସମ୍ବାଦପତ୍ର ମାନଙ୍କରେ ନିୟମିତ ଭାବେ ତାଙ୍କ ଲିଖିତ ସ୍ତମ୍ଭ ପ୍ରକାଶ ପାଉଥିଲା। ଦୀର୍ଘ ଛଅ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଧରି ନିରନ୍ତର ଭାବେ ଲେଖନୀ ଚାଳନା ଜରିଆରେ ଓଡିଶାବାସୀଙ୍କୁ ସଚେତନ କରାଉଥିଲେ ସେ। ସବୁ ବିଷୟରେ ଏବଂ ସବୁ ବର୍ଗର ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସେ ଲେଖୁଥିଲେ। ବିଶେଷ କରି ସମାଜର, ରାଜ୍ୟର ତଥା ଦେଶର ବୃହତ୍ତର ସ୍ୱାର୍ଥଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ତାଙ୍କର ଲେଖନୀ ଚାଲିଥିଲା। ଅଧିକାଂଶ ସମୟରେ ବିଧାନସଭାରେ କିମ୍ବା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ସଭା ସମିତିରେ ବିଧାୟକ, ମନ୍ତ୍ରୀମାନେ ବରେନ୍ଦ୍ର କୃଷ୍ଣଙ୍କ ତଥ୍ୟ ସମ୍ବଳିତ ଅନୁସନ୍ଧାନମୂଳକ ରିପୋର୍ଟ ବା ଲେଖା ସମ୍ପର୍କରେ ଅବତାରଣା କରିଥିବାର ନଜିର ରହିଛି। ଏହା ବ୍ୟତୀତ ଓଡିଶାରେ ଓଡିଆ ଭାଷା ସାହିତ୍ୟର ସୁରକ୍ଷା ତଥା ବିକାଶ ପାଇଁ 'ଲେଖକ ସାମୁଖ୍ୟ' ଗଠନ କରି ଏହି ଅନୁଷ୍ଠାନ ଜରିଆରେ ପ୍ରଥମେ ବିଭିନ୍ନ ସ୍ଥାନରେ ସାହିତ୍ୟମେଳା ଆୟୋଜନ ଏବଂ ଅଶୀଦଶକରେ 'ଭୁବନେଶ୍ୱର ପୁସ୍ତକମେଳା' ଆରମ୍ଭ କରି ଏହାର ପ୍ରତିଷ୍ଠାତା ମାନ୍ୟତା ପାଇଥିଲେ ସେ, ଯାହା ଆଜି ସମଗ୍ର ରାଜ୍ୟରେ ଏକ ବିରାଟ ଆନ୍ଦୋଳନରେ ପରିଣତ ହୋଇ ପାରିଛି।

ତାଙ୍କ ଲେଖା ବା ଲେଖନୀର ପ୍ରଭାବ-ପ୍ରାସଙ୍ଗିକତା ଏବଂ ଗୁରୁତ୍ୱ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ରାଜନେତା, ବୁଦ୍ଧିଜୀବି ମହଲ, ସର୍ବୋପରି ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ତଥା ଶାସନ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହେଉଥିଲା। ଲେଖନୀ ମାଧ୍ୟମରେ ହିଁ ସେ ପ୍ରଭାବଶାଳୀ ହୋଇପାରିଥିଲେ। ତାଙ୍କର ପ୍ରଭାବ କେବଳ ଓଡିଶା ମାଟିରେ ସୀମିତ ରହିନଥିଲା ବରଂ ଜାତୀୟ ଓ ଆର୍ନ୍ତଜାତିକ ସ୍ତରକୁ ମଧ୍ୟ ପରିବ୍ୟାପ୍ତ ହୋଇଥିଲା। ନିଜର ସ୍ୱକୀୟ ପ୍ରତିଭା ଏବଂ ଦକ୍ଷତା ବଳରେ ସେ ଜାତୀୟସ୍ତରରେ ବି ପ୍ରତିଷ୍ଠିତ ହୋଇପାରିଥିଲେ। ୧୯୯୦ ମସିହାରେ ସର୍ବଭାରତୀୟ ସାମ୍ବାଦିକ ସଂଗଠନ (ନ୍ୟାସନାଲ ୟୁନିୟନ୍ ଅଫ ଜର୍ଣ୍ଣାଲିଷ୍ଟ)ର ସଭାପତି ନିର୍ବାଚିତ ହେବାରେ ବରେନ୍ଦ୍ରକୃଷ୍ଣ ଥିଲେ ପ୍ରଥମ ଓଡିଆ ସାମ୍ବାଦିକ। ତତ୍‌କଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସେତେବେଳେ ଏହି ଖବର ଉତ୍ତର ପ୍ରଦେଶର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ମୁଲାୟମ୍‌ସିଂ ଯାଦବଙ୍କୁ ଜଣାଇବା ସହ ଗର୍ବ ଅନୁଭବ କରିଥିଲେ। ପଣ୍ଡିତ ଜବହାରଲାଲ ନେହେରୁ, ଲାଲବାହାଦୁର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ, ମୋରାରଜୀ ଦେଶାଇଙ୍କ ଭଳି ଭାରତ ବର୍ଷର ସୁଯୋଗ୍ୟ ପ୍ରଧାନମନ୍ତ୍ରୀମାନଙ୍କର ଓଡିଶା ଆଗମନ ସମୟରେ ସମ୍ବାଦ ସଂଗ୍ରହ ନିମନ୍ତେ ବରେନ୍ଦ୍ରକୃଷ୍ଣ ସେମାନଙ୍କ ସଭାସମିତି ଓ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବାର ଅନେକ ବିରଳ ଫଟୋଚିତ୍ର ଏବେବି ସୁରକ୍ଷିତ ରହିଛି ଯାହାକି ତାଙ୍କର ସାମ୍ବାଦିକତା ପେଶା ପ୍ରତି ନିଷ୍ଠା ଓ ଅଧ୍ୟବସାୟକୁ ପ୍ରମାଣିତ କରୁଛି। ଭଗବାନଙ୍କର ଆଶୀର୍ବାଦ ନମିଳିଲେ ମଣିଷ ଜୀବନ ତୁଚ୍ଛ ହୋଇପଡେ ହେଲେ ତାଙ୍କ ଉପରେ ଭଗବାନଙ୍କର ଅପାର କରୁଣା ଓ ଆଶୀର୍ବାଦ ରହିଥିଲା। ଯେଉଁଥିପାଇଁ ସେ ସଫଳତାର ଶିଖର ଛୁଇଁଥିଲେ। ବରେନ୍ଦ୍ର କୃଷ୍ଣ ଧଳଙ୍କ ସମଗ୍ର ଜୀବନକାଳ ଥିଲା ସାମ୍ବାଦିକତାରେ କଲମ ଚାଳନା। କେବଳ ଲେଖିବା ପଢ଼ିବା ଆଉ ଲେଖିବା, ଆଉ ତାରି ମାଧ୍ୟମରେ ବିଶୃଙ୍ଖଳିତ ସମାଜକୁ ସଜାଡିବା। ତାଙ୍କର ଲେଖନୀ ଜୀବନର ଶେଷ ପର୍ଯ୍ୟନ୍ତ ଚାଲିଥିଲା।

ସବୁଦିନ ପାଇଁ ନିଜର ଲେଖନୀ ମାଧ୍ୟମରେ ହିଁ ବରେନ୍ଦ୍ରକୃଷ୍ଣ ଅମର ହୋଇ ରହିବେ। ଆଜି ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କର ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଲେଖନୀର ଜୟଜୟକାର କରୁଅଛୁ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

## ବନ୍ଧୁତ୍ୱର ପରିଭାଷା

ଆଦ୍ୟାଶା ମହାପାତ୍ର



ଆଜି ମୋ ବନ୍ଧୁର ଫୋନ୍ ନମ୍ବର ରିଂ ହେଲା ଅପରାହ୍ନ ଦୁଇଟା ବେଳକୁ। ଫୋନ୍ ସୁଇଚ ଅନ୍ କରିବା ପୂର୍ବରୁ ମନ ସାମାନ୍ୟ ଉଦବେଳିତ ହେଲା। ସେଦିନ ଘଟଣା ମୋତେ ଯେମିତି ଖାଇ ଗୋଡାଉଥିଲା। ଏବେ କ'ଣ କହିଲେ ବନ୍ଧୁର ହୃଦବୋଧ ହେବ, ତା'ର ଅଭିମାନ ଦୂରେଇ ହେବ ସେଇ କଥା ମୋତେ ଘାରୁଥିଲା।
ସୁଇଚ ଅନ୍ କଲି। ମୁଁ ହେଲୋ କହିବା କ୍ଷଣି ସେପଟୁ ଭାସି ଆସିଲା ସେଇ ଚିର ପରିଚିତ ଶାନ୍ତ କୋମଳ ସ୍ୱର।
'ସୁଧୀର, ସେଦିନ ମୁଁ ବସଷ୍ଟାଣ୍ଡ ରେ ପ୍ରାୟ ଆଠଟା ତିରିଶ ବେଳକୁ ପହଞ୍ଚି ଯାଇଥିଲି। ନଅଟା ତିରିଶରେ ଥିଲା ଓ.ଏସ. ଆର. ଟି .ସି. ର ରାଉରକେଲା ବସ୍। ହେଲେ ବସ୍ ଷ୍ଟାଣ୍ଡରେ ବସ୍ ଲାଗିଲା ବେଳକୁ ରାତି ଦଶଟା ବାଜି ଯାଇଥିଲା । ଯାହାହେଉ ଭଲରେ ଆସି ରାଉରକେଲାରେ ପହଞ୍ଚିଲି।'
'ତୁ ବୋଧହୁଏ ଏବେ ବ୍ୟାଙ୍କରେ। ତାହେଲେ କେମିତି ଏ ସମୟରେ ଫୋନ୍ କଲୁ।' ମୁଁ ମୂଳ ପ୍ରସଙ୍ଗକୁ ଏଡାଇ ଯାଇ ତାକୁ ଏମିତି ପଚାରି ଦେଲି। କାରଣ ମୁଁ ଭଲ ଭାବରେ ଜାଣେ ଏହି ସମୟରେ ତା'ର ଲଞ୍ଚ ବ୍ରେକ। ସେ ଫ୍ରି ଅଛି ଏବଂ ତା' ଖାଇବା ସମୟରୁ ସମୟ ବାହାର କରି ମୋତେ ଫୋନ୍ କରିଛି। 'ଏବେ ଲଞ୍ଚ ବ୍ରେକ ଥିଲା'ର ଉତ୍ତର ପଛକୁ ମୁଁ ପୁଣି ତାକୁ ପଚାରିଲି 'ଏବେ ତ ମାସ ଶେଷ, ବ୍ୟାଙ୍କରେ ବହୁତ କାମ ଥିବ ?'
'ହଁ ଯେ ସେଦିନରୁ ଆସି ତୋ ପାଖକୁ ଫୋନ କରିନଥିଲି । ସେଥିପାଇଁ ଏବେ ମନେ ପଡିଲା ତ ଫୋନ୍ କଲି।'
ମୂଳ ପ୍ରସଙ୍ଗକୁ ସେ ପୁଣି ଫେରି ଆସିବାରୁ ମୁଁ ଭିତରେ ଭିତରେ ବ୍ୟତିବ୍ୟସ୍ତ ହୋଇ ପଡିଲି।
'ଆଚ୍ଛା, ସେଦିନ ଏତେ ଡେରିରେ କାହିଁକି ବସ୍ ଆସିଲା ? ତୁ ସେତେବେଳକୁ ନୂଆ ବସଷ୍ଟାଣ୍ଡରେ ଥିଲୁ ନା ପୁରୁଣା ଯେଉଁଟାକୁ ଆମେ ବାଦାମବାଡ଼ି ବସଷ୍ଟାଣ୍ଡ କହୁଥିଲେ ସେଇଠି ଥିଲୁ ?'
ନିହାତି ଅନାବଶ୍ୟକ କଥା ହୋଇ ମୁଁ ଅସଲ ପ୍ରସଙ୍ଗ ଠାରୁ ଦୂରେଇ ରହିବାକୁ ଆପ୍ରାଣ ଚେଷ୍ଟା କରୁଥିଲି ।
'ନା, ସେଦିନ ବାହୁଡା ଯାତ୍ରା ଥିଲା ତ, ରାସ୍ତା ଭିଡ଼ ଯୋଗୁଁ ବସ୍ ଷ୍ଟାଣ୍ଡରେ ପହଞ୍ଚିବାକୁ ବିଳମ୍ବ କଲା। ହେଲେ ଆମକୁ କଣ୍ଡକ୍ଟର ଫୋନ୍ କରି ଏ ବିଷୟରେ ଆଗରୁ ଜଣାଇ ଦେଇଥିଲା।'
ଯାହାହେଉ ମୋ ଫାଲତୁ ପ୍ରଶ୍ନ ଗୋଟିଏ ଭଲ ଉତ୍ତର ପାଇବାକୁ ସକ୍ଷମ ଥିଲା ବୋଲି ଭାବି ମୁଁ ମନେମନେ ଖୁସି ହେଲି। ଆଉ କ'ଣ ପଚାରିଲେ ଠିକ୍ ହେବ ଭାବିଲା ଭିତରେ ସେ ନିଜ ତରଫରୁ ଫୋନ୍ କଲରୁ ରିହାତି ଚାହିଁଲା। ମୁଁ ସମୟ ଦେଖିଲି ଦୁଇଟା ତିରିଶ। ଅର୍ଥାତ୍ ତା'ର ଲଞ୍ଚ ବ୍ରେକ ଇତି ମଧ୍ୟରେ ଶେଷ ହୋଇ ଯାଇଛି। ଆପାତତଃ ଏଇ ମୁହୂର୍ତ୍ତରେ ବଞ୍ଚିଗଲି ବୋଲି ଶାନ୍ତିରେ ନିଃଶ୍ୱାସ ମାରିଲି।
କିଛି ସମୟ ପୂର୍ବରୁ ପ୍ରିୟ ବନ୍ଧୁ ଠାରୁ ଯେଉଁ ପ୍ରସଙ୍ଗରୁ ଦୂରେଇ ରହିବାକୁ ମୁଁ ଯେମିତି ଆକ୍ତାମାକ୍ତା ହେଉଥିଲି ଭାବିଲେ ନିଜ ଉପରେ ଦୟା ଆସୁଥିଲା। ଆହାଃ... ବିଚରା କାହିଁକି ଏମିତି ଏକ କାମ କଲୁ ଯେଉଁଥିପାଇଁ ଆଜି ଏ ମୁହୂର୍ତ୍ତ ସାମ୍ନା କରିବାକୁ ପଡୁଛି !
ସେଇ ରାତିରେ ଯଦି ବନ୍ଧୁର ଅନୁରୋଧ ରକ୍ଷା କରି ତାକୁ ଯାଇଁ ବସଷ୍ଟାଣ୍ଡରେ ଭେଟିଥାନ୍ତି ଏବଂ କିଛି ସମୟ ତା ସହିତ କଟାଇ ଫେରିଥାନ୍ତି ଆଜି ମନରେ ଏ ଦ୍ୱିଧା ଭାବ ଆସି ନଥାନ୍ତା। ସେ ମାଗୁଥିଲା ତ ସମୟ କିଛି ତା' ସହିତ କଟେଇବା ପାଇଁ, ତା ଏକଲାପଣର କଷ୍ଟକୁ ଲାଘବ କରିବା ପାଇଁ। ହେଲେ ମୁଁ ତା'ର ଅନୁରୋଧକୁ ରକ୍ଷା କରି ପାରିନଥିଲି।
ଏମିତି ତ ଗାଁ ରୁ ଆସି ଏଇ କଟକରୁ ବସ୍ ଧରିବାର ଥିଲେ ବି ମୋ ଘରକୁ ଆସି ବୁଲିଯିବାକୁ ଆଗରୁ ମନା କରିଦେଇଥିଲା। କାରଣ ସେ ଜାଣିଥିଲା ମୁଁ ସନ୍ଧ୍ୟା ସମୟରେ ସବୁଦିନ ବ୍ୟସ୍ତ ରହେ। ହେଲେ ଯେଉଁ ସମୟ ଟିକକ ସେ ସେଦିନ ମୋ ଠୁ ଚାହିଁଥିଲା ମୁଁ ସେତକ ତାକୁ ଦେଇନଥିଲି।
ଏଇ କାରଣରୁ ବନ୍ଧୁ ମୋର ନିଶ୍ଚୟ ଅଭିମାନ କରିଥିବ ମୁଁ ଜାଣିଥିଲି। ହେଲେ ନିଜେ ମନ ଭିତରେ ଏତେ ଦୁର୍ବଳ ଅନୁଭବ କଲି ଯେ ତାକୁ ଏ ବିଷୟରେ କିଛି ବି କୈଫିୟତ ଦେଇ ନଥିଲି କିମ୍ବା କିଛି ପଚାରି ପାରିନଥିଲି।
ମନେ ପଡ଼ିଥିଲା କେଇଦିନ ତଳେ ହୋଇଥିବା ବନ୍ଧୁର କଥା। ମୋର ସବୁ ଭଲ ଗୁଣ ଭିତରେ ଯେଉଁ ଗୋଟିଏ ଖରାପ ଗୁଣ ମୋର ବାଛିଚି, ସେଇଟିକୁ କେବେ ଦେଖାହେଲେ କହିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲା। ହୁଏତ ମୋର ସେଇ ଗୁଣଟି ବିଷୟରେ ସେ ବସଷ୍ଟାଣ୍ଡରେ ଦେଖା ହୋଇଥିଲେ କହି ଥାଆନ୍ତା।
ଏମିତି ନୁହେଁ ଯେ ସେ ମୋର ଦୋଷ ଦୁର୍ବଳତା ବିଷୟରେ କହିବ ବୋଲି ମୁଁ ତାକୁ ସେଦିନ ଭେଟି ନଥିଲି। ପ୍ରକୃତ କଥା ହେଲା ସ୍କୁଲରେ ପିଲାମାନଙ୍କର ପରୀକ୍ଷା ଚାଲୁଥିବା ସମୟରେ କୌଣସି ଗୋଟିଏ ଟିୟୁସନ ବନ୍ଦ କରିପାରିବାର ପରିସ୍ଥିତିରେ ହିଁ ମୁଁ ନଥିଲି। ହଁ, ମୋତେ ଲାଗୁଛି ସେ ଯେଉଁ ସତ୍ୟ କଥାଟି ମୋ ବିଷୟରେ କହିବ ସେଇଟା ମୁଁ ଜାଣେ। ତାହା ହେଉଛି ମୁଁ ମୋ ଯେତେ ପରିବାର କୈନ୍ଦ୍ରିକ ସେତେଟା ବନ୍ଧୁ କୈନ୍ଦ୍ରିକ ନୁହେଁ। ତା'ର ଯଦି ଏ ଅଭିଯୋଗ ଥିବ ସେଇଟା ନିରାଟ ସତ୍ୟ ଅବଶ୍ୟ।
ହେଲେ ଦେଖ ସେ ଆଜି ନିଜ ତରଫରୁ ପୁଣି ମୋ ପାଖକୁ ଫୋନ କରି ମୋତେ ଚମତ୍କୃତ କରିଦେଲା। ମନ ଭିତରେ ଥିବା ସବୁ ଅଭିମାନକୁ ନିଜ ଭିତରେ ଲୁଚେଇ ମୋ ନୀରବତା ଭାଙ୍ଗିବାକୁ ଚେଷ୍ଟା କରିଛି। ବନ୍ଧୁତ୍ୱର ନିଦର୍ଶନ ଦେଖାଇଛି। ଥରକ ପାଇଁ ବି ପଚାରିଲା ନାହିଁ କାହିଁକି ସେଦିନ ରାତିରେ ମୁଁ ଅନୁରୋଧ ରକ୍ଷା କରି ପାରିଲିନି। କାଳେ ମୁଁ ଆଘାତ ପାଇବି ବୋଲି ସେ ନିଜ ମନୋଭବକୁ ଲୁଚେଇ ରଖିଲା। ମୁଁ ମୋ ବନ୍ଧୁ ପାଖରେ ଚିର କୃତଜ୍ଞ... ! ମୋ ବନ୍ଧୁ ଭଳି ବନ୍ଧୁ କେହି ଦୁନିଆରେ ନାହିଁ।

ନୂଆପଡା, କଟକ

## ବିକାଶ

ଶିବାଶିଷ ପାଢ଼ୀ

ପିଚୁ ରାସ୍ତା କିନ୍ତୁ ପିଚୁ ଅଂଶ ଦେଖା ଯାଏ ନାହିଁ କେବେ । ଦେଖାଯାଏ ତ କେବଳ ଘନ କୋଇଲାଗୁଣ୍ଡ। ତାଉପରେ କେବେକେବେ ଛିଞ୍ଚାଯାଏଁ ପାଣି । ସେ ପାଣି ହିଁ କାଳ ହୁଏ। କାରଣ ହଜାର ହଜାର ଟ୍ରକ ଚକରେ ପେଷି ହୋଇ କଳା ପାଉଡର ପାଲଟି ସାରିଥିବା ଗୁଣ୍ଡ ଉପରେ ପାଣି ପଡିଗଲେ ତିଆରି ହୁଏ ଦହିପରି ଏକ ଅର୍ଦ୍ଧ ତରଳ ପଦାର୍ଥ । ସେ ଟାଣିନିଏ ଚକକୁ। ବିଗିଡିଯାଏଁ ବାଲାନ୍ସ । ମୋଡ଼ିମାଡି ହୋଇ ପଡ଼ିଯାଏ ତଳେ। ଠିକ ଆଜି ଯେମିତି ମୁଁ ପଡ଼ିଥିଲି ମୁହଁମାଡି। ଗାଡି ପଡିଥିଲା ଖଣ୍ଡେ ଦୂରେ ଏବଂ ମୋର ମୁଣ୍ଡକୁ ସୁରକ୍ଷା ଦେବାର ସମ୍ପୂର୍ଣ୍ଣ କର୍ତ୍ତବ୍ୟ ନିର୍ବାହ କରିସାରି ଦୂରକୁ ଚାଲିଯାଇଥିଲା ମୋ ହେଲମେଟ। କିଛି ମିନିଟ ପାଇଁ ସେମିତି ପଡ଼ି ରହିଲି ମୁଁ। ମୋ ମୁଣ୍ଡରୁ କିଛି ଦୂରରେ ଚାଲିଯାଉଥିଲା ଟ୍ରକସବୁ । ମୋ ପାଇଁ କାହାପାଖରେ ସମୟ ନଥିଲା ଯେମିତି। କିଛି ମିନିଟ ପରେ ଗୋଡ଼ ହାତ ହଲାଇଥିଲି। ଆଣ୍ଠୁରେ ପ୍ରବଳ ଯନ୍ତ୍ରଣା ହେଉଥିଲା କିନ୍ତୁ ଆଶ୍ୱସ୍ତ ଲାଗୁଥିଲା କାରଣ ଭାଙ୍ଗି ନଥିଲା ଆଣ୍ଠୁ । ଇଛା ହେଉଥିଲା ସେଇଠି ସେମିତି ପଡ଼ି ରହିବା ପାଇଁ ହେଲେ ସେ ଚକରୁ ଛିଟିକି ଆସୁଥିଲା କଳା କଳା କାଦୁଅ କିନ୍ତୁ ସେଇଠି ବି ରଖାଇ ଦେଲା ନାହିଁ। ଗୁରୁଣ୍ଡିଗୁରୁଣ୍ଡି ରାସ୍ତାପାର୍ଶ୍ୱରେ ଥିବା ଗଛତଳକୁ ଚାଲି ଆସିଲି ମୁଁ । ବସିଗଲି ସେଇଠି । ଦେହସାରା ସବୁଆଡେ କଳା କାଦୁଅ । ଚେହେରାରୁ ସେ କଳାକୁ ପୋଛିବାକୁ ଚାହୁଁଥିଲି ମୁଁ ହେଲେ ହାତସାରା ବି ସେଇ କଳା । ହଠାତ ଗଛରୁ ଖସି ପଡିଲା ଦୁଇ ତିନୋଟି ଶୁଖିଲା ପତ୍ର। ମାସମାସ ଧରି କଳା ଗୁଣ୍ଡକୁ ସାମ୍ନା କରୁଥିବା ପତ୍ରରେ ବି ପରସ୍ତ ପରସ୍ତ ଗୁଣ୍ଡ । ବିକଳ ହୋଇ ଉପରକୁ ଚାହିଁଥିଲି ମୁଁ । ଏତେଦିନ ଧରି ଏଇ ରାସ୍ତାରେ ସବୁଦିନ ଯାଉଥିଲେ ବି ଗଛସବୁକୁ ଯେମିତି ନୂଆକରି ଦେଖୁଥିଲି ମୁଁ। ମୋ ଠୁଁ କିଛି ଅଲଗା ନଥିଲା ତାର ଅବସ୍ଥା। କଳା ରଙ୍ଗ ତଳେ ବନ୍ଦୀଥିବା ସବୁଜତା ବିଳାପ କରୁଥିଲା ! ଅକାଳ ମୃତ୍ୟୁକୁ ଅପେକ୍ଷା କରୁଥିଲା ସେ ତଥାପି କିଛି ପତ୍ର ଖସାଇ ମୋତେ ଆଶ୍ୱାସନା ଦେଉଥିବା ଗଛ ଯେମିତି କହୁଥିଲା ତୁ ତ ଚାଲିଯିବୁ, ହେଲେ ମୁଁ...... ମୋ ପାଖରେ ତ ଉତ୍ତର ନଥିଲା । ଏଣୁ ଚୁପଥିଲି ମୁଁ । ଆଖିରୁ କିନ୍ତୁ କିଛି ବୁନ୍ଦା ନିଗିଡି ମିଶି ଯାଉଥିଲା ଗାଲର କଳା କାଦୁଅରେ। ରାସ୍ତାରେ ଯାଉଥିଲା ଟ୍ରକସବୁ। ତା'ର ଚକରୁ ଶୁଣା ଯାଉଥିଲା ଚରର ଚରର ଶବ୍ଦ କିନ୍ତୁ ମୋତେ ବିକାଶ ବିକାଶ ଶୁଣା ଯାଉଥିଲା !

ହେମଗିର ସୁନ୍ଦରଗଡ଼
ମୋ-୯୭୭୮୧୭୪୯୭୮

## ଉପହାର..

ମନୋଜ କୁମାର ବେହେରା



ପ୍ରତ୍ୟେକ ବର୍ଷ ପରି ପୁଣିଥରେ ରାକ୍ଷୀ ପୂର୍ଣ୍ଣିମା ଆସିଲା । ଏବେ ସେ ଜଣେ ବଡ ଅଫିସର୍ । ରାକ୍ଷୀର ଦିନରେ ସେ ନିଜର ବଡଭଉଣୀ ପାଖରେ ଆସି ପହଞ୍ଚିଲା । ଭଉଣୀ ତାକୁ ଦେଖି ବହୁତ ଖୁସି ହୋଇଗଲା । କହିଲା..ମୁଁ ତ ଭାବିଥିଲି ତୁ ଆଉ ଆସିବୁନି । ଏବେ ତ ବଡ ଅଫିସର ହୋଇଗଲୁଣି ନା'! ମୁଁ ତ ଆଗରୁ ତୋ ପାଇଁ ନିଜହାତରେ ରାକ୍ଷୀ ତିଆରି କରି ରଖିଥିଲି। ବାନ୍ଧିବା ପୂର୍ବରୁ ଟିକିଏ ଦେଖିବୁକି ? ନା'..ଦିଦି ମୁଁ ରାକ୍ଷୀ ବାନ୍ଧିବାକୁ ଆସିନି। କ'ଣ ହେଲା..! କ'ଣ ଏତେବଡ ହୋଇଗଲୁଣି ଯେ ଭଉଣୀଠାରୁ ଆଉ ରାକ୍ଷୀ ବାନ୍ଧିବାର ଆବଶ୍ୟକତା ନାହିଁ । ଆଉ କ'ଣ ଦେବା ପାଇଁ ତୋ ପାଖରେ କିଛି ଉପହାର ନାହିଁ ? ମୁଁ ତ ବହୁତ ଆଶା ରଖିଥିଲି କି ଏଥର ଗୋଟିଏ ଭଲ ଉପହାର ତୋଠୁ ନେବି ବୋଲି । ହଁ..ତୁ ତ ବଡ ଅଫିସର୍ ହେଇଗଲୁଣି।
ଦିଦି ମୋର ସବୁ ମନେ ଅଛି ଆଉ ସବୁ ସ୍ମୃତି ମୋ ଦେହରେ ଚାପିହୋଇ କରି ଅଛି । ମୁଁ ଯେତେବେଳେ ସାତ ବର୍ଷର ଥିଲି, ସେତେବେଳେ ଗୋଟିଏ ଦୁର୍ଘଟଣାରେ ମୋର ବାପା-ମା' ଏ ଦୁନିଆ ଛାଡି ଚାଲିଗଲେ । ତୁମେ ତ ମୋର ଲାଳନ ପାଳନ କରିଥିଲ । ମୋତେ ପାଠ ପଢେଇଲ, ଏମିତି ଯୋଗ୍ୟ ବନେଇ ଦେଲ କି ମୁଁ ଆଜି ଜଣେ ବଡ ଅଫିସର୍ ହୋଇ ପାରିଛି । ଗୋଟିଏ ଏମିତି ଅଫିସର୍, ଯାହାଉପରେ ହଜାର-ହଜାର ଲୋକଙ୍କର ଦେଖାଶୁଣା କରିବା ମୋର ଦାୟିତ୍ୱ ହୋଇଯାଇଛି । ଦିଦି.. ମୁଁ ଏହା ଭାବି ଟିକିଏ ଡରି ଯାଇଥିଲିକି ଯଦି ଆପଣଙ୍କର ସଂରକ୍ଷଣ-ସ୍ନେହ ମୋତେ ମିଳି ନଥାନ୍ତା ତା'ହେଲେ ମୋର କ'ଣ ହୋଇଥାନ୍ତା । ମୁଁ ନିଜକୁ ଆପଣଙ୍କ ଠାରୁ ବହୁତ ଛୋଟ ଆଉ ଦୁର୍ବଳ ଅନୁଭବ କରୁଛି ।
ସେଥିପାଇଁ ମୁଁ ପ୍ରତିଥର ଭଳି ଆପଣଙ୍କ ଠାରୁ ରାକ୍ଷୀ ବାନ୍ଧି କରି ଉପହାର ଦେବାର ଔପଚାରିକତା ଆଉ ନିଭେଇବିନି । ଆଜି ମୁଁ ଆପଣଙ୍କ ହାତରେ ରାକ୍ଷୀ ବାନ୍ଧିବି। ଆପଣଙ୍କ ହାତ ମୋର ହାତଠୁ ବେଶୀ ଶକ୍ତିଶାଳୀ ଏହା ରକ୍ଷା କରିବାରେ ସକ୍ଷମ ଅଟେ । ଆପଣ ଉପହାରରେ ଏହି ପ୍ରତିଶ୍ରୁତି ଦିଅନ୍ତୁ ଯେ ଆପଣଙ୍କର ହାତସର୍ବଦା ମୋ ମୁଣ୍ଡ ଉପରେ ରହିଥାଉ । ଆପଣ ସେହିଭଳି ମୋର ରକ୍ଷା କରୁଥିବେ, ଯେମିତି ଆପଣ ପ୍ରଥମରୁ ମୋତେ ଲାଳନ ପାଳନ କରିଥିଲେ । ସେ ନିଜର ପକେଟରୁ ଗୋଟିଏ ରାକ୍ଷୀ ବାହାର କରି ହାତରେ ଧରିଥିଲା ଆଉ ଭଉଣୀର ଆଖିରୁ ଲୁହର ଧାରା ବହୁଥିଲା। ତାକୁ ହାତକୁ ଆଗକୁ କରିବାର ହୋଶ୍ ନଥିଲା।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),
ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

## ବହୁତ ବଢ଼ିଆ

ଘନଶ୍ୟାମ ପଲେଇ



ରବିବାର ଛୁଟି ଦିନ। ଛୁଟିଦିନକୁ କିଏ କେତେ କ'ଣ ଯୋଜନା କରି ଥାଏ। ରବିବାବୁଙ୍କର କିନ୍ତୁ ବିଶେଷ କିଛିଯୋଜନା ନ ଥାଏ। ରବିବାର ପୁରା ସମୟ ଦିଅନ୍ତି ପରିବାରକୁ। ପିଲାମାନଙ୍କ ସହ ହସଖୁସି ଆଉ ଖିଆପିଆରେ ସମୟ ବିତାନ୍ତି। ଲେଖକ ଜୀବନ ତ... ସପ୍ତାହଟା ଭିତରେ ଉକୁଣୀ ଭଳି ସାଲୁବାଲୁ କରୁଥିବା ଭାବନା କେତେଟାକୁ ମୁଣ୍ଡରୁ ଟାଣିଆଣି ଖାତା କଲମରେ ଉତାରି ପକାନ୍ତି ସମୟ ସୁଯୋଗ ଉଣ୍ଡି। ଆଜି ବି ମୁଣ୍ଡରେ ଡିଆଁ ଡେଇଁ କରୁଥିବା କେତେଟା ଭାବନାକୁ କଲମ ମୁନରେ ବାନ୍ଧିବାକୁ ଚେଷ୍ଟା କଲାବେଳେ ମୁଣ୍ଡ ଭାରି ଭାରି ଲାଗିଲା। ମନେ ପଡିଗଲା ମୁଣ୍ଡବାଳ ଢେର ବଢି ଗଲାଣି ତାଙ୍କର। ମାସକୁ ଥରେ ନ କାଟିଲେ ତାଙ୍କୁ ଲାଗେଅଡୁଆ। ମୁଣ୍ଡ ବିନ୍ଧେ... ଚିଡ୍ ଚିଡ୍ ହୁଅନ୍ତି। ଚୁଲକାଟି ଫେରିଲେ ତାଙ୍କୁ ଲାଗେ ଯେପରି ମୁଣ୍ଡ ଉପରୁ ପଥରଟିଏ ଓହ୍ଲାଇଗଲା। ଆଉ ବେଶି କିଛି ନ ଭାବି ଉଠି ଚାଲିଲେ ସିଧା...
ରବିବାରଟା ସେଲୁନ ଟିକିଏ ଭିଡ ଥାଏ। ନିଜ ପାଳିଟା ଆଉ ଦୁଇ ଜଣଙ୍କ ପରେ ପଡିବ ଜାଣି ବସିଗଲେ ପଡିଥିବା କାଠ ବେଞ୍ଚ ଉପରେ। ଛୋଟ ସେଲୁନଟାଏ ବାପ ପୁଅ ମିଶିକି ଚଳାନ୍ତି। ବାପ ହେଲାଣି ବୁଢା। ଛୋଟ କୋଠରୀରେ ପଡିଛି ଘିରି ଘିରି ଘୂରୁଥିବା ଦୁଇଟା ସେଲୁନ ଚେୟାର। ଗୋଟାକରେ ବୁଢା କାଟୁଥାଏ ଜଣେ ଗ୍ରାହକଙ୍କ ଚୁଳ। ଦ୍ୱିତୀୟଟିରେ ବସି ଥାଏ ଆଉ ଜଣେ ଗ୍ରାହକ।
ଖବରକାଗଜଟିକୁ ଓଲଟାଉ ଓଲଟାଉ ରବିବାବୁ ପଚାରିଲେ--- ମଉସା ! ଆଜି ପୁଅ ନାହିଁ କି ? ଖାଲି ପଡିଛି ସିଟ୍।
ବୁଢା ମଉସା--- ହଁ ରେ... ବାପା ! ସିଏ ଯାଇଛି ତିନିଦିନ ହେଲାଣି, ଶ୍ରାବଣ ମାସରେ ଜଳାଭିଷେକ କରିବାକୁ ବାବାଧାମ୍।
ରବିବାବୁ ଖବରକାଗଜକୁ ପଢିବା ସହ ନଜର ରଖିଥାନ୍ତି ଗ୍ରାହକ ମାନଙ୍କ କଥାକୁ। କଥା ଲମ୍ବିଥାଏ ଢେଙ୍କିଶାଳରୁ ଢେଙ୍କାନାଳ ଯାଏ। ବିଶେଷ କି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥାଏ ଭିଜିଲାନ୍ସର ଜାଲ। କେଉଁ ସରକାରୀବାବୁଙ୍କ ଠୁଁ କେତେ ସୁନା ଜବତ ହେଲା... କେତେ ମିଳିଲା ନଗଦ।
ଏଇ ଭିତରେ ଜଣେ ଗ୍ରାହକର ଚୁଳ ଆଉ ଦାଢି କଟା ସରିଲା। ଗ୍ରାହକ ଜଣଙ୍କ ଖୁସି ହୋଇଗଲେ ସାମ୍ନାରେ ଲାଗିଥିବା ଆଇନାରେ ନିଜକୁ ଦେଖି। ପୁରା ହିରୋ ମାର୍କା କଟ୍ କଟାଯାଇଛି। ଖୁସିରେ ପାନିଆଟା ଉଠେଇ ମୁଣ୍ଡ କୁଣ୍ଡେଇଲା ବେଳେ କହି ଉଠିଲା --- ମଉସା ! କଲିଟା... ଗୋଟେ ମୋଟା, ଗୋଟେ ପତଳା ଦିଶୁଛି.... ଟିକିଏ ସାଇଜ କଲ।
ଖବରକାଗଜ ଆଢୁଆଳରୁ ରବିବାବୁ ଦେଖୁଥାନ୍ତି ସବୁ। ବୁଢା ମଉସା ସଙ୍ଗେ ସଙ୍ଗେ କଇଁଚି ଉଠେଇଲେ। ସାଇଁ ସାଇଁ...କଚ୍କଇଚ୍... ଶବ୍ଦ କଲେ ତା'କାନ ପାଖରେ। ସତେ କି ସେ କଇଁଚି ନୁହଁ ହାତରେ ଖଣ୍ଡା ଧରି ଲଢୁଛନ୍ତିଯୁଦ୍ଧ। ଟିକିଏ ସମୟ ପରେ କହିଲେ ଏବେ ଦେଖିଲ ପୁଅ...ଏବେ ଠିକ୍ ହେଲା ତ ?
ଗ୍ରାହକ ଜଣକ ହେଇଗଲେ ଭାରି ଖୁସି। ପଇସା ଦେଇ ବାହାରିଗଲେ। ଏଣିକି ପଡିଲା ଆଉ ଜଣଙ୍କର ପାଳି। ସିଏ ବି କାଟି ସାରିଲା ପରେ କହିଲେ--- ବଡ ସାନ ଲାଗୁଛି କଲି। ସେଲୁନବାଲା ମଉସା ଜଣଙ୍କ ଉଠେଇଲେ କଇଁଚି। କଚ୍କଚ୍... ସାଇଁସାଇଁ... ଚାଲିଲା କାନ ମୂଳରେ। ଟିକିଏ ପରେ ହସି ଦେଇ ପଚାରିଲେ ମଉସା--- ପୁଅ ! ଏବେ ଦେଖ !ଠିକ୍ ହେଲା ତ ?
--- ନାଁ ମଉସା ଆଉ ଟିକିଏ ରହିଗଲା।
ମଉସା ପୁଣି ଚଳେଇଲେ କଇଁଚି। କଇଁଚି କିନ୍ତୁ ଚୁଟି ନ କାଟି ଖାଲି କାନ ପାଖରେ ଚାଲୁଥାଏ ସାଇଁ ସାଇଁ।
---- ଏଣିକି ପୁଅ ?
ଗ୍ରାହକ ପିଲାଟି ମୁଣ୍ଡର ବାଳକୁ ହାତ ଆଙ୍ଗୁଠିରେ ସାଉଁଳେଇଦେଇ କହିଲା --- ବହୁତ ବଢ଼ିଆ... ବହୁତ ବଢ଼ିଆ...। ସେ ଖୁସିରେ ପଇସା ଦେଇ ହିନ୍ଦୀ ସିନେମା ଗୀତଟେ ଗାଇ ଗାଇ ଚାଲିଗଲା ସେଠାରୁ।
ଏଣିକି ରବିବାବୁ ଚେୟାରରେ ଯାଇ ବସିଲା ବେଳେ ପଚାରିଲେ --- ମଉସା ! ମୁଁ ଲକ୍ଷ୍ୟ କରୁଥିଲି ସବୁ। ତମେ ତ କଲି ସାଇଜ କଲା ବେଳେ କିଛି ନ କାଟି ଖାଲି ଉପରେ ଉପରେ ଚଳଉଥିଲ କଇଁଚି। ଆଉ ଥରକୁ ଥର ଖାଲିଟାରେ ଗ୍ରାହକକୁ ପଚାରୁଥିଲ... ଏଣିକି ଠିକ୍ ହେଲା ତ ? ଏହାର ରହସ୍ୟ କ'ଣ ଆଗ ମୋତେ କହିଲ ? ସେଲୁନବାଲା ମଉସା ଟିକିଏ ହସିଦେଲେ। ରବିବାବୁଙ୍କୁ ବୁଝେଇବାକୁ ଯାଇ ଶୁଣେଇଲେ ଏକ କାହାଣୀ---ଥରେ ଲିଓନାର୍ଡ ଦା ଭିନସ ପଥରରେ ଗୋଟିଏ ମୂର୍ତ୍ତି ତିଆରି କରୁଥିଲେ। ହାତରେ ନିହାଣ ଓ ହାତୁଡି। ଏହି ସମୟରେ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ଆସି ପହଁଚିଲେ। ମୂର୍ତ୍ତିଟିର ଅଧିକାଂଶ କାମ ସରି ଯାଇଥାଏ। ମୂର୍ତ୍ତିଟି କିପରି ଲାଗୁଛି ବୋଲି ଲିଓନାର୍ଡ ବନ୍ଧୁଙ୍କୁ ପଚାରିଲେ। ବନ୍ଧୁ ଜଣକ ମୂର୍ତ୍ତିଟିକୁ ନିରୀକ୍ଷଣ କରି କହିଲେ---ବନ୍ଧୁ ! ନାକଟା ଟିକେ ଲମ୍ବା ହେଇ ଯାଇଛି। ଲିଓ ସଙ୍ଗେ ସଙ୍ଗେ ସଜାଡିବାକୁ ଲାଗିଲେ। ବାମ ହାତରେ କିଛି ପଥର ଗୁଣ୍ଡ ଓ ହାତୁଡି ଧରି ମୂର୍ତ୍ତିଟିର ନାକଟିକୁ ଛୋଟ କରିବାକୁ ଲାଗିଲେ, କିନ୍ତୁ ମିଛରେ। ନାକ ଚାଞ୍ଚିବା ବାହାନାରେ ହାତରୁ କିଛି ପଥର ଗୁଣ୍ଡ ଖସାଉଥିଲେ। ବାସ୍, କାମ ସରିଗଲା। ବନ୍ଧୁଙ୍କୁ ପଚାରିଲେ, ଏବେ ଠିକ୍ ହେଲା ତ। ବନ୍ଧୁ କହିଲେ, ବହୁତ ବଢ଼ିଆ... ବହୁତ ବଢ଼ିଆ...। ସେଲୁନ ବାଲା ମଉସା ଏଣିକି କହିଲେ--- ଏଥରକ ବୁଝିପାରିଲ ତ ? ତା'ଛଡା ଗ୍ରାହକ ଈଶ୍ୱର। ତାଙ୍କୁ ସନ୍ତୁଷ୍ଟ କରିବା ଆମର ଧର୍ମ। ନ ହେଲେ ବୃତ୍ତି ଯିବ ଯେଭେଲା ! ଏଇ ଗପଟି ଶୁଣି ରବିବାବୁଙ୍କ ଲେଖକ ଜୀବନ ସାର୍ଥକ ହେଲା ଭଳି ମନେହେଲା। ଲେଖାସମାଜରେ କି କାମରେ ଆସୁଛି ? କେତେଟା ସାଧାରଣ ଲୋକ ଉପକୃତ ହେଉଛନ୍ତି ? ଇତ୍ୟାଦି ଇତ୍ୟାଦି। ଯେଉଁ ବିକାର ଥିଲା ମନରେ ଦୂରେଇ ଯାଉଥିଲା ଆପଣା ଛାଏଁ। ସତରେ ସାହିତ୍ୟ ଜନଜୀବନକୁ ପ୍ରତ୍ୟକ୍ଷ ଅବା ପରୋକ୍ଷରେ ପ୍ରଭାବିତ କରିଥାଏ। ହୃଦୟସ୍ପର୍ଶୀ ହଲେ ଅଗଣିତ ପାଠକ ପାଠିକାଙ୍କ ହୃଦୟକୁ ନିଶ୍ଚୟ ଆନ୍ଦୋଳିତ କରିଥାଏ। ବୁଢା ମଉସା ହିଁ ତା'ର ଜ୍ୱଳନ୍ତ ଉଦାହରଣ।

ଟେନସା,
ସୁନ୍ଦରଗଡ-୪୨
ମୋ- ୯୪୩୭୭୧୮୫୦୦

## ଅନ୍ଧ ପ୍ରେମିକ

ସିଦ୍ଧେଶ୍ୱର ତ୍ରିପାଠୀ



ଏମିତି କ'ଣ ପ୍ରେମ କରାଯାଏ । ଯିଏ ଶୁଣିବ ମଥା ଘୁରିଯିବ । ଚାରି ଚାରିଟା ପିଲା ସମସ୍ତେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପୁଣି ଗୋଟିଏ ପ୍ରେମିକା ପାଇଁ । ସେ ପ୍ରେମିକା ବି ଧନ୍ୟ ଯିଏ ଗୋଟିଏ ନୁହଁ ଦିଇଟା ନୁହଁ ଚାରିଜଣକୁ ଭଲପାଇଛି। ସତ କି ମିଛ କେଜାଣି ଆଜି ଗାଁ ଛକରେ ଚା ଖଟିରେ ସମସ୍ତଙ୍କ ମୁହଁରେ ଏଇ ହାଇବ୍ରିଡ଼ ପ୍ରେମର ଚର୍ଚ୍ଚା ।
ବୁଝୁ ବୁଝୁ କଥାଟା ସତ ଏଇ ଓଡ଼ିଶାର ଘଟଣା ପରା । ଆଜିର ସବୁ ଖବର କାଗଜରେ ବାହାରିଛି । ଚାରି ଚାରିଟା ଭେଣ୍ଡିଆ ପିଲା ମରିଗଲେ । ସମସ୍ତଙ୍କ ମନଦୁଃଖ ଯେ, ହେଲେ ଯୋଉଥି ପାଇଁ ମଲେ ସେ ଘଟଣା ଗୋଟେ ଅଯାଚିତ ହାସ୍ୟରୋଳ ସୃଷ୍ଟି କରୁଛି। ଝିଅଟି କୁଆଡେ ଭାରି ସୁନ୍ଦରୀ ଆଉ ଗୀତ ନାଚ ଆଉ ଭଲ କଥା କୁହା ଗୁଣ କୁଆଡେ ତା ପାଖରେ ଖୁନ୍ଦି ହୋଇ ରହିଛି । ନାଁଟି ତା'ର ଜିନା । କଲେଜର ଝିଅ ମାନଙ୍କ ଗହଳି ଭିତରେ ବହୁ ଦୂରରୁ ବି ସେ କୁଆଡେ ବାରି ହୋଇପଡେ। ଏଇ ବାରି ହୋଇ ପଡିବା ଗୁଣ ଯୋଗୁଁ କଲେଜର ଅନେକ ପୁଅଙ୍କ ନଜର ଜିନା ଉପରେ। କେତେ ପ୍ରେମ ନିବେଦନ ଅନୁରୋଧ ଆଖିର ଇଶାରା ଆଉ ଉପହାର ଏସବୁ ଘଟଣା ଜିନାର ନିତି ଦିନିଆ କଥା । ଏମିତି କେତେ ଜଣକୁ ସେ ବିରୋଧ କରି ଆସୁଥିଲା । ହେଲେ ଧିରେ ଧିରେ ଜଣେ ଆଉ ଜଣେରୁ ଚାରିଜଣଙ୍କୁ ନିଜର ପ୍ରେମ ଜାଲରେ ଫସେଇ ସେମାନଙ୍କଠୁ ଅନେକ ଅର୍ଥ ଆଉ ଉପହାର ହାତେଇ ସାରିଛି ଜିନା।
ରାତି ରାତି ଘଣ୍ଟା ଘଣ୍ଟା ଫୋନରେ କଥା ହେବା ଆଉ ଆଜି କାଲିକା ଫେସବୁକ ହ୍ୱାଟ୍ସଆପ ଚାଟିଙ୍ଗ ଆଉ ଭିଡିଓ କଲରେ ଆଜି ଯାକୁ ତ କାଲି ତାକୁ ଟିକିଏ ଜାମା କାଢି ଦେହରୁ ଫାଳେ ଦେଖେଇ ଦେଲେ ସେ ପ୍ରେମିକ ମାନେ ଭାରି ଖୁସି । ସତ କେବେ ଲୁଚି ରହେନା । ଚୋର ଘର ସବୁବେଳେ ଅନ୍ଧାର ନଥାଏ । କଥାଟା ସମସ୍ତଙ୍କ ପାଖରେ ଧରା ପଡିଗଲା । ଚାରିଜଣ ପ୍ରେମିକଙ୍କ ଭିତରେ କଥା କଟାକଟି ଯୁକ୍ତିତର୍କ ଲାଗିଲା । ସଭିଙ୍କ ମୁହଁରେ ସେଇ ଗୋଟିଏ କଥା ସିଏ କେବଳ ମୋର। ତୁମେ ମାନେ ତାକୁ ଭୁଲିଯାଅ। କେହି କିଛି ବୁଝିବାକୁ ନାରାଜ ଶେଷକୁ ଏଇ ନିଷ୍ପତି ସମସ୍ତଙ୍କର ସମୁହ ବିଷପାନ । ଯିଏ ବଞ୍ଚିବ ଜିନା ତାର ହବ କଥା ଶେଷ ।
କଥା ତ ଯାହା ଶେଷ ହେଲା ହେଲା ଅକାରଣରେ ବିଚାରା ଚାରି ଚାରିଟା ଜୀବନ ଚାଲିଗଲା । ଗୋଟିଏ ହାତ ଲେଖା କାଗଜରୁ ଏସବୁ ଘଟଣା ଧରା ପଡିଲା ଯୋଉଥିରେ ସେ ଝିଅର ନାଁ ଠିକଣା ଫୋନ ନମ୍ବର ବି ଲେଖା ଅଛି। ଏବେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଚାରୋଟି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ନିଜଆଡୁ ଏକ ମାମଲା ରୁଜୁ କରି ଖାନ ତଲାସ ଚଳାଇଛି। ଦୋଷୀକୁ କଠୋରରୁ ଅତିକଠୋର ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛି । ଏଣେ ଚାରି ଚାରିଟା ପରିବାର ନିଜ ପୁଅ ମାନଙ୍କୁ ହରାଇ କିଭଳି ଅବସ୍ଥାରେ ଥିବେ ଆହା। ଏଇ ଗଣ ମାଧ୍ୟମରୁ ଖବର ପାଇ ସେଇ ପିଲାମାନଙ୍କ ଘର ଲୋକ ମଧ୍ୟ ସେଇ ଗୋଟିଏ ଝିଅ ନାଁ ରେ ଭିନ୍ନ ଭିନ୍ନ ଥାନାରେ ଅଭିଯୋଗ କରିଛନ୍ତି । ଇଏ କି ଯୁଗ ହେଲା ଏ ଭଳି ଘଟଣାରୁ ପିଲା କ'ଣ ଶିଖିବେ । ହ ଗୋଟେ ହାତରେ କୋଉ ଅବା ତାଳି ବାଜେ । ଯୁବ ପିଢ଼ି ଏଇ ପ୍ରେମ ନିଶାରେ ନିଜର ପରିବାର ଭବିଷ୍ୟତ ଏମିତିକି ନିଜ ଜୀବନକୁ ବି ନଷ୍ଟ କରିଦିଅନ୍ତି। ଆଉ ସେ ଜିନା ର ଅବସ୍ଥା କ'ଣ ହବ କେଜାଣି । କାଲି ଆଡ଼କୁ ସବୁ ଗଣ ମାଧ୍ୟମରୁ ଜଣା ପଡିବ ଯେ । ହଉ ମୁଁ ଯାଉଛି ପରିବା ପତ୍ର କିଣିବି ଆପଣମାନେ ବି ନିଜ ନିଜ କାମରେ ବ୍ୟସ୍ତ ରୁହନ୍ତୁ ।
ଆଉ ହଁ ଏଇ ଅନ୍ଧ ପ୍ରେମିକର ମନକଥାକୁ ସମସ୍ତେ ବୁଝି ପାରନ୍ତିନି ସତରେ, ଏମିତି ଅନ୍ଧ ପ୍ରେମିକ ହବାଟା କ'ଣ ଭଲ କଥା କି ?

କୁଣ୍ଡିଲୋ
କେରଙ୍ଗ ଖୋର୍ଦ୍ଧା

## ଫୁଡ଼ ପଏଜନ୍

ବିଜୟଲକ୍ଷ୍ମୀ ପାଣିଗ୍ରାହି



### ଏକ

ବାକ୍ ଚାତୁରୀରେ ଧୁରୀଣ କଳାକାରମାନେ ସବୁବେଳେ ସମସ୍ତଙ୍କୁ ଆଚ୍ଛନ୍ନ କରଥାନ୍ତି। ଫିଲ୍ମଟିର ପ୍ରିମିଅର ସୋ ପରେ ଭୁରି ଭୁରି ପ୍ରଶଂସା ଅଜାଡି ହୋଇଯାଉ ଥାଏ ନିର୍ଦ୍ଦେଶକଙ୍କ ଉପରେ। କ୍ୟାମେରା ସାମ୍ନାରେ ସେ କହୁଥିଲେ, 'ଆପଣମାନଙ୍କର ପ୍ରଶଂସା ତ ଆମମାନଙ୍କର ଖାଦ୍ୟ। ଏହାହିଁ ଆମକୁ ବଞ୍ଚାଏ ଆଉ ଆଗକୁ ପାଦ କଢାଇ ନିଏ'। ବାସ ମାତ୍ର କେଇ ଘଣ୍ଟା ପରେ...ପୁନଶ୍ଚ ପୁରୁଣା ରୋଗ ମାଡିବସିଲା ସେଲିବ୍ରେସନ ନାମରେ। ମଶା ବଅଁଶ ଭଳି ବଢ଼ିଗଲେ କିଛି ନୂଆ ବିକାର । ହାତରୁ ମଦ ବୋତଲ ଛଡେଇ କଲମ ଧରେଇଥିବା ବ୍ୟକ୍ତି, 'କିଏ' ହୋଇଗଲା। ହସ୍ପିଟାଲରେ ନୁହେଁ ଅନ୍ଧାରୁଆ ଘରେ ଦିନ ଦିନ କଟେଇ ଚାଲିଲେ ନିର୍ଦ୍ଦେଶକ ଫୁଡ଼ ପଏଜନ୍ ରେ...

### ଦୁଇ

ସତରେ କେମିତି କଟୁଛି ସବୁଦିନ ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। କେମିତି ହଜମ ହେଉଛି ଏତେ କଥା। ଅନବରତ କାନରେ ମୋବାଇଲ ଜାକି ଝିଅ ସୁହାଗି। ନା ଭୋକ ଅଛି ନା ଶୋଷ। ନା ଆଉ କାହାର ଚିନ୍ତା ନା ନିଜର। ଭଲ ଫିଡ଼ ବ୍ୟାକ ମିଳୁଛି ନିଶ୍ଚୟ ସେ ପଟରୁ। ନହେଲେ ଆଜିକାଲିର ପ୍ରମୁଖ ଖବର ଯେଉଁଠି, 'କୁଳାଙ୍ଗାର ପିଲା ! ବାପାମାଆଙ୍କୁ ଘରେ ରଖୁନାହାନ୍ତି' ସେଠି ଇଏ କେଉଁ ପ୍ରକାର ବାପା ମାଆ ! ପୁଅ ବୋହୁଙ୍କୁ ଘରୁ ବାହାର କରି ସତୁରୀ ବର୍ଷୀୟ ଜୀବନ କାଟୁଛନ୍ତି । ଦେଖ...ଦେଖ... ଘରଝିଅର ଘର ଭଙ୍ଗା ଫୁଡରେ କେମିତି ପଏଜନସ ବାପାମାଆ। ଧୀର ପାଣି ପଥର କାଟୁଛି...।

### ତିନି

କେତେଦିନ ପରେ ବାପଘରକୁ ଯିବାକୁ ସୁଯୋଗ ମିଳିଛି ସ୍ମିତାଙ୍କୁ । ହେଲେ ମନରେ ତାଙ୍କର ଶରଧା ନାଇଁ। ଏ ବର୍ଷ ରାକ୍ଷୀରେ ଗାଆଁକୁ ସବୁ ଭଉଣୀ ଆସୁଛନ୍ତି। ସମସ୍ତେ ମିଶି କେତେ ମଜା କରିଥାନ୍ତେ ? ହେଲେ ଶାଶୁ ବି ସାଥିରେ ବାହାରିଛନ୍ତି ଭଣଜା ଭାଣଜୀଙ୍କୁ ନେଇ। ସବୁ ଖୁସିରେ ପାଣି ଚଢ଼ିଗଲା। ଘରେ ଏମାନଙ୍କର ଜଞ୍ଜାଳ କରୁ କରୁ ଦିନ ଯିବ। ଲଞ୍ଚ ସରିବା ପରେ ଶାଶୁଙ୍କ ବରାଦ, ତୋ ବାପଘରକୁ ତ ଆମେ କାଲି ଯିବା, ସେଥିପାଇଁ ଆଜି ଝିଅ ଜୋଇଁଙ୍କୁ ଘରକୁ ଡକାହେବ। ଝିଅ ପସନ୍ଦର ମାଛ, ଜୋଇଁ ପସନ୍ଦର ଖାସି ମାଂସ ଆଉ ନାତିର ଚିକେନ୍ ପକୋଡା ସହ ନାତୁଣୀ ପାଇଁ ମୋମୋ କରିସାରିଲେ ଅନ୍ୟମାନଙ୍କ ପାଇଁ ଯାହା କରିବୁ। କଥାଶୁଣି ଝାଳ ନାଳ ହୋଇଗଲେ ସ୍ମିତା। ଏପଟେ ଯେ, ପ୍ୟାକିଙ୍ଗ ସରିନି। କାନିକୁ ଅଣ୍ଟାରେ ଭିଡି ଦେଇ ବାହାରିଲେ ମୈଦାନକୁ। କାରଣ କେତେ ରାତିହେବ ତା'ର ଠିକଣା ନାହିଁ। ଖାଇବା ସରିଲା ରାତି ଦଶଟାରେ। ଝିଅ ଜୋଇଁ ଘରକୁ ଗଲେଣି। ସବୁ କାମ ସାରି ସ୍ମିତା ପ୍ୟାକିଙ୍ଗ କଲା ବେଳକୁ ରାତି ଦୁଇଟା ବାଜିଲାଣି। ଆଖିପତା ଦୁଇ ଘଣ୍ଟା ପଡିଛି କି ନାହିଁ ପାହାନ୍ତିଆରୁ ଆରମ୍ଭ ହୋଇଗଲା ଶାଶୁଙ୍କର ବାନ୍ତି, ତା'ପରେ ଝାଡା। ଶାଶୁଙ୍କର ପାଦ ଘଷି ଦେଉଥିବା ବେଳେ ତାଙ୍କ ଆଖିରୁ ଝରି ଯାଉଥିଲା ଲୁହ। ଶାଶୁଙ୍କୁ ଦେଖି ନୁହେଁ, ପ୍ୟାକିଙ୍ଗ ବ୍ୟାଗକୁ ଦେଖି। କାରଣ ଏ ଅବସ୍ଥାରେ ଶାଶୁ କ'ଣ ତାଙ୍କୁ ଛାଡିବେ ? ହେଲେ ଶାଶୁ କହିଲେ, 'ତୁ କାନ୍ଦୁଛୁ କାହିଁକି ? । ମୁଁ ଭଲ ହୋଇଯିବିନି। କାଲି ଟିକେ ଅଧିକ ଖାଇଦେଲି। ଫୁଡ଼ ପଏଜନ୍ ହୋଇଯାଇଛି। ତୁ ବାପଘରକୁ ଯାଆ। ମୁଁ ଆଉ କେବେ ଆସିବି'।
ଆରେ ଏ ଫୁଡ଼ ପଏଜନ୍‌ଟା ଭଲ ଛକ୍କାଟେ ମାରିଲା ତ ! ସ୍ମିତା ଆଖିରୁ ଲୁହ ପୋଛିଲେ। ଆଗରୁ କେବେ ତାଙ୍କ ଆଖିର ଲୁହ ଏମିତି ଏତେଶୀଘ୍ର ଶୁଖି ନ ଥିଲା।

ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

# ସେମିରେ ହାରିଗଲେ ରେସଲର ଅମନ, ବ୍ରୋଞ୍ଜ ପାଇଁ ଖେଳିବେ

**ପ୍ୟାରିସ୍**

ରେସଲିଂରେ ଖୁସି ଆଣି ଦେଇଥିବା ଅମନ ଶେରାୱତ ସେମି ଫାଇନାଲରେ ନିରାଶ କରିଛନ୍ତି । ସେ ପୁରୁଷ ୫୭ କେଜି ବର୍ଗର ସେମି ଫାଇନାଲରେ ଜାପାନର ଷ୍ଟାର ତଥା ୧ ନଂ ସିଡ୍ ରେଇ ହିଗୁଚିଙ୍କ ଠାରୁ ୦-୧୦ରେ ପରାସ୍ତ ହୋଇଛନ୍ତି ।

ପ୍ରି-କ୍ୱାର୍ଟର ଓ କ୍ୱାର୍ଟର ଫାଇନାଲରେ ଅମନ ନିଜର ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟେକ୍ନିକାଲ ସୁପରିୟରିଟିରେ ହରାଇଥିଲେ । ଏବେ ସେ ସେମିଫାଇନାଲରେ ମ୍ୟାଚ୍‌ର ଅଢ଼େଇ ମିନିଟ୍ ମଧ୍ୟରେ ଜାପାନ ହିଗୁଚିଙ୍କୁ ଠାରୁ ଟେକ୍ନିକାଲ ସୁପରିୟରିଟି ହାରିଛନ୍ତି । ୧୦ ପଏଣ୍ଟ ବ୍ୟବଧାନ ହୋଇଗଲା ପରେ ଜଣେ ଖେଳାଳିଙ୍କୁ ବିଜୟୀ ଘୋଷଣା କରାଯାଏ । ସେହି ଆଧାରରେ ହିଗୁଚିଙ୍କୁ ବିଜେତା ଘୋଷଣା କରାଯାଇଛି ।

ଅମନ ସେମିରେ ହାରିଥିବା ବେଳେ ଏବେ ବ୍ରୋଞ୍ଜ ପଦକ ଜିତିବା ପାଇଁ ତାଙ୍କ ପାଖରେ ସୁଯୋଗ ରହିଛି । ସେ ଦ୍ୱିତୀୟ ସେମିରେ ହାରିଥିବା ଡିଟି କ୍ରୁଜଙ୍କଙ୍କ ସହ ଲଢ଼େଇ କରିବେ । ଏହି ମ୍ୟାଚ୍ ଶୁକ୍ରବାର ରାତି ୧୦.୪୫ରେ ଖେଳାଯିବ ।



# ଅଲିମ୍ପିକ୍ସରୁ ଦୁଃଖଦ ବିଦାୟ ପରେ ଅବସର ଘୋଷଣା କଲେ ଭିନେଶ ଫୋଗାଟ୍

**ପ୍ୟାରିସ୍**

କୁସ୍ତିରୁ ସନ୍ନ୍ୟାସ ନେଲେ ଭିନେଶ ଫୋଗାଟ୍ । ପ୍ୟାରିସ ଅଲିମ୍ପିକ୍ସରେ ନିଶ୍ଚିତ ରୌପ୍ୟ ପାଇଁ ସ୍ଥାନ ପକ୍କା କରିଥିବା ଏବଂ ସ୍ୱର୍ଣ୍ଣ ହାସଲ ପାଇଁ ଆଶା ବାନ୍ଧିଥିବା କୁସ୍ତିଯୋଦ୍ଧା ଭିନେଶ ଫୋଗାଟ୍ ନିରାଶ ହେବା ପରେ କୁସ୍ତିକୁ ବାଏ ବଏ କହିଛନ୍ତି । ଏହି ଅପ୍ରତ୍ୟାଶିତ ବିଫଳତା ପରେ କୁସ୍ତିକୁ ସବୁଦିନ ପାଇଁ ଅଲ୍‌ବିଦା ଜଣାଇଛନ୍ତି ଭିନେଶ୍ । ଭିନେଶ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଏକ୍ସରେ ଏକ ଭାବବିହ୍ୱଳ ପୋଷ୍ଟ ସେୟାର କରିଛନ୍ତି । ସେ କହିଛନ୍ତି କୁସ୍ତି ଜିତିଗଲା, ଆଉ ମୁଁ ହାରିଗଲି । ଭାଙ୍ଗିଗଲା ଦେଶବାସୀଙ୍କ ସ୍ୱପ୍ନ ଓ ମୋର ସାହାସ । ମୋତେ କ୍ଷମା କରିବ । ତୁମର ସ୍ୱପ୍ନ, ମୋର ସାହସ ସବୁ ଭାଙ୍ଗିଗଲା, ମୋର ଆଉ ଅଧିକ ଶକ୍ତି ନାହିଁ । ବିଦାୟ କୁସ୍ତି ୨୦୦୧-୨୦୨୪, କ୍ଷମା କରିବେ, ମୁଁ ସମସ୍ତଙ୍କ ପାଖରେ ସର୍ବଦା ଋଣି ରହିବି ।



ଭିନେଶଙ୍କ ଏଭଳି ଅଚାନକ ସନ୍ନ୍ୟାସ ଘୋଷଣା କରିବାକୁ ନେଇ ସମସ୍ତେ ଚକିତ ହୋଇପଡିଛନ୍ତି । ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ରେ ଲଗାତର ଭିନେତଶ ତିନୋଟି ମୁକାବିଲା ଜିତି ଫାଇନାଲ୍‌ରେ ପହଞ୍ଚିଥିଲେ । ସେ ଫାଇନାଲ ମ୍ୟାଚ୍ ଖେଳି ଥାନ୍ତେ କିନ୍ତୁ ଏହା ପୂର୍ବରୁ ତାଙ୍କର ଧାର୍ଯ୍ୟ ସୀମାଠାରୁ ଅଧିକ ଓଜନ ଥିବା ଲାଗି ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା । ମାତ୍ର ୧୦୦ ଗ୍ରାମ୍ ଅଧିକ ଓଜନ ପାଇଁ ତାଙ୍କୁ ଡିସ୍‌କ୍ୱାଲିଫାଏଡ୍ ଘୋଷଣା କରାଯାଇଥିଲା । ଫଳରେ ସେ ନିରାଶ ହୋଇଯାଇଥିଲେ ।

# ଅନ୍ତର୍ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲରେ ଫୋଗାଟଙ୍କ ଆବେଦନ : ପଦକ ପାଇଁ ଦାବି

**ପ୍ୟାରିସ୍**

ଅନ୍ତର୍ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେଲେ ଭାରତୀୟ କୁସ୍ତି ଯୋଦ୍ଧା ଭିନେଶ ଫୋଗାଟ୍ । ପ୍ୟାରିସ ଅଲିମ୍ପିକ୍ସ ରେସ୍‌ଲିଂ ଫାଇନାଲରେ ଅଯୋଗ୍ୟ ଘୋଷିତ ହେବାକୁ ନେଇ ସେ କୋର୍ଟ ଅଫ ଆର୍ବିଟ୍ରେସନ ଫର ସ୍ପୋର୍ଟ୍ସ (ସିଏଏସ୍)ରେ ଚ୍ୟାଲେଞ୍ଜ କରିଛନ୍ତି । ଏଥିସହ ରୌପ୍ୟ ପାଇଁ ମଧ୍ୟ ଦାବି କରିଛନ୍ତି ଫୋଗାଟ୍ । ସିଏଏସ୍ ଏହି ଆବେଦନର ଶୁଣାଣି କରିବେ । ଯଦି ଭିନେଶଙ୍କ ସପକ୍ଷରେ ରାୟ ଦିଅନ୍ତି, ତେବେ ତାଙ୍କୁ ଯୁଗଳ ରୌପ୍ୟ ବିଜେତା ରୂପେ ଘୋଷିତ କରାଯିବ ।

ପ୍ରକାଶ ଥାଉକି, ଭିନେଶ ଫୋଗାଟ୍ ପ୍ରଥମ ଭାରତୀୟ କୁସ୍ତି ଯୋଦ୍ଧା ଭାବେ ଅଲିମ୍ପିକ୍ସ ୫୦ କେଜି ବର୍ଗ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ । ପ୍ରଥମ ମ୍ୟାଚ୍‌ରେ ସେ ବିଶ୍ୱର ନଂ ୧ ଖେଳାଳି ତଥା ଟୋକିଓ ଅଲିମ୍ପିକ୍ସର ସ୍ୱର୍ଣ୍ଣ ବିଜେତା ଜାପାନର ୟୁଇ ସୁସାକିଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ । ଏହାପରେ କ୍ୱାର୍ଟର ଫାଇନାଲରେ ୟୁକ୍ରେନର ଓକସାନା ଲିଭାଚିଙ୍କୁ ୭-୫ ଏବଂ ସେମିଫାଇନାଲରେ କ୍ୟୁବାର ଗୁଜମାନଙ୍କୁ ୫-୦ ବ୍ୟବଧାନରେ ହରାଇ ଫାଇନାଲକୁ ପ୍ରବେଶ କରିଥିଲେ । ଫଳରେ ସେ ଏକ ପ୍ରକାର ମେଡାଲ ଦାବିଦାର ଭାବେ ବିବେଚିତ ହୋଇଥିଲେ । କିନ୍ତୁ ଫାଇନାଲ ଫାଇଟ ପୂର୍ବରୁ ଓଜନକୁ ନେଇ ତାଙ୍କୁ ମ୍ୟାଚ୍‌ରୁ ଡିସକ୍ୱାଲିଫାଏ ବା ଅଯୋଗ୍ୟ ଘୋଷିତ କରା ଯାଇଥିଲା । ତାଙ୍କ ଓଜନ ୫୦ କିଲୋଗ୍ରାମରୁ ୧୦୦ ଗ୍ରାମ ଅଧିକ ଥିବାରୁ ଅଲିମ୍ପିକ୍ସ ନିୟମ ଅନୁସାରେ, ଫାଇନାଲରୁ ବଞ୍ଚିତ ହେବାକୁ ପଡିଥିଲା । ଏହାକୁ ନେଇ ଭିନେଶ ଫୋଗାଟ ଅନ୍ତର୍ଜାତୀୟ କ୍ରୀଡା ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଛନ୍ତି । ଖୁବ୍ ଶୀଘ୍ର ଏ ଉପରେ ରାୟ ପ୍ରକାଶ ପାଇବ ।

ସିଏଏସ୍ : କୋର୍ଟ ଅଫ ଆର୍ବିଟ୍ରେସନ ଫର ସ୍ପୋର୍ଟ (ସିଏଏସ୍) ହେଉଛି ଏକ ସ୍ୱୟଂଶାସିତ ଅନୁଷ୍ଠାନ । ୧୯୮୪ରେ ପ୍ରତିଷ୍ଠିତ ହୋଇଥିଲା, ଯାହା କ୍ରୀଡ଼ା ସମ୍ବନ୍ଧୀୟ ବିବାଦର ସମାଧାନ କରିଥାଏ କିମ୍ବା ମଧ୍ୟସ୍ଥତା କରିଥାଏ । ଏହାର ମୁଖ୍ୟାଳୟ ସ୍ୱିଜରଲ୍ୟାଣ୍ଡର ଲୋଜାନୀରେ ଥିବାବେଳେ ନ୍ୟୁୟର୍କ ଏବଂ ସିଡ୍‌ନୀରେ ମଧ୍ୟ କୋର୍ଟ ରହିଛି । ଏଥିସହ ଯେଉଁ ସହରରେ ଅଲିମ୍ପିକ୍ସ ଆୟୋଜିତ ହୋଇଥାଏ । ସେଠାରେ ଅସ୍ଥାୟୀ କୋର୍ଟ ପରିଚାଳିତ ହୋଇଥାଏ ।

# ଜନ୍ମଦିନରେ ଭାଙ୍ଗିଗଲା ମୀରାବାଇ ଚାନୁଙ୍କ ସ୍ୱପ୍ନ

**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତକୁ ଆଉ ଏକ ନିରାଶାର ସମ୍ମୁଖୀନ ହେବାକୁ ପଡ଼ିଛି । ଟୋକିଓ ଗେମ୍ସରେ ରୌପ୍ୟ ବିଜୟିନୀ ଭାରତୀୟ ଭାରୋତ୍ତୋଳିକା ମୀରାବାଇ ସାଇଖୋମ ଚାନୁ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଛନ୍ତି । ଅଲିମ୍ପିକ ପଦକ ଜିତି ମିରାବାଇ ଚାନୁ ତାଙ୍କ ଜନ୍ମଦିନକୁ ସତନ୍ତ୍ର କରିବାକୁ ଚାହୁଁଥିଲେ । କିନ୍ତୁ ଏହା ହୋଇପାରିଲା ନାହିଁ । ମୀରାବାଇ ଚାନୁ ୮ ଅଗଷ୍ଟ ୧୯୯୪ରେ ମଣିପୁରର କାକଚିଂ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।



ଚାନୁ ସ୍ନାଚରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୧ କେଜି ଭାରୋତ୍ତଳନ କରି ମୋଟ୍ ୧୯୯ ସ୍କୋର ସହ ଚତୁର୍ଥ ସ୍ଥାନରେ ରହିଥିଲେ । ଡିଫେଣ୍ଡିଂ ଚାମ୍ପିୟନ ଚାଇନାର ହୋଉ ଝିଉଇ ଅଲିମ୍ପିକ୍ସ ରେକର୍ଡ ୨୦୬ କେଜି(୮୯+୧୧୭) ଭାରୋତ୍ତୋଳନ ପ୍ରଥମ ସ୍ଥାନରେ ରହିଥିଲେ । ରୋମାନିଆର କାମ୍ବେଲ ମିହେଲା ଭାଲେଣ୍ଟିନା ୨୦୫ କେଜି (୯୩+୧୧୨) ଭାରୋତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଥିଲେ । ଅନ୍ୟ ପକ୍ଷରେ ଥାଇଲାଣ୍ଡର ଖାମ୍ବୋ ସୁରଦଚନା ୨୦୦ କେଜି(୮୮+୧୧୨) ଭାରୋତ୍ତୋଳନ କରି ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଥିଲେ ।

ମୀରାବାଇ ସ୍ନାଚ୍‌ରେ ପ୍ରଥମ ପ୍ରୟାସରେ ୮୫ କେଜି ଭାର ଉଠାଇଥିଲେ । ଦ୍ୱିତୀୟ ପ୍ରୟାସଟି ଫାଉଲ ହୋଇଥିବା ବେଳେ ଅନ୍ତିମ ସ୍ନାଚରେ ସେ ୮୮ କେଜି ଉଠାଇଥିଲେ । ଚାଇନାର ହୋଉ ଝିଉଇ ସ୍ନାଚରେ ୮୯ କେଜି ଓ ରୋମାନିଆର ଭାଲେଣ୍ଟିନା ୯୩ କେଜି ଭାରୋତ୍ତୋଳନ କରିଥିଲେ । କ୍ଲିନ୍ ଆଣ୍ଡ ଜର୍କରେ କିନ୍ତୁ ଚାନୁଙ୍କ ପ୍ରଦର୍ଶନ ଆଦୃଶିଆ ରହି ନ ଥିଲା । ପ୍ରଥମ ପ୍ରୟାସରେ ୧୧୧ କେଜି ଉଠାଇବା ପ୍ରୟାସରେ ଫାଉଲ କରିଥିଲେ । ଦ୍ୱିତୀୟ ପ୍ରୟାସରେ ସମାନ ୧୧୧ କେଜି ଉଠାଇବା ସହ ଅନ୍ତିମ ପ୍ରୟାସରେ ୧୧୪ ଉଠାଇବାକୁ ଚେଷ୍ଟା କରିଥିଲେ । ତେବେ ଏହା ଫାଉଲ ହେବା କାରଣରୁ ମାତ୍ର ୧ ପଏଣ୍ଟ ପଛରେ ରହି ପଦକ ହରାଇଥିଲେ । ଚାନୁ ଅନ୍ତିମ କ୍ଷଣ ଯାଏ ରୋମାନିଆ ପ୍ରତିଯୋଗୀ ଆଗୁଆ ରହିଥିଲେ । ତେବେ ଚାଇନା ପ୍ରତିଯୋଗୀ ନିଜ ଅନ୍ତିମ କ୍ଲିନ ଆଣ୍ଡ ଜର୍କରେ ୧୧୭ କେଜିର ଭାରୋତ୍ତୋଳନ କରିବା ସହ ସମସ୍ତଙ୍କୁ ପଛରେ ପକାଇ ଦେଇଥିଲେ । କ୍ଲିନ ଆଣ୍ଡ ଜର୍କରେ ଏହା ଅଲିମ୍ପିକ୍ସ ରେକର୍ଡ ଅଟେ ।

# ରେସଲର ଅନ୍ତିମ ପଙ୍ଘଲଙ୍କୁ ଶକ୍ତ ଝଟ୍‌କା : ୩ ବର୍ଷ ପାଇଁ ଲାଗିଲା ବ୍ୟାନ୍ !

**ପ୍ୟାରିସ୍**

ଭାରତର ମହିଳା ରେସଲର ଅନ୍ତିମ ପଙ୍ଘଲଙ୍କୁ ଲାଗିଛି ଶକ୍ତ ଝଟ୍‌କା । ପ୍ୟାରିସ୍ ଅଲିମ୍ପିକ୍ସର ପ୍ରଥମ ରାଉଣ୍ଡରୁ ହାରି ବିଦାୟ ନେଇଥିବା ଅନ୍ତିମଙ୍କ ବିରୋଧରେ ଇଣ୍ଡିଆନ ଅଲିମ୍ପିକ୍ସ ଆସୋସିଏସନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି ।

ପ୍ୟାରିସ୍ ଅଲିମ୍ପିକ୍ସରେ ବିଶୃଙ୍ଖଳା ଆଚରଣ ପାଇଁ ତାଙ୍କୁ ୩ ବର୍ଷ ପାଇଁ ଆଇଓଏ ବ୍ୟାନ କରିଥିବା ରିପୋର୍ଟ ପ୍ରକାଶ ପାଇଛି । ଏଥିସହ ପ୍ୟାରିସ୍‌ରୁ ମଧ୍ୟ ଅନ୍ତିମ ଓ ତାଙ୍କ କୋଚିଂ ଟିମ୍‌କୁ ପୁଲିସ୍ ବିଦା କରିବ ବୋଲି ଖବର ମିଳିଛି ।

୫୩ କେଜି ବର୍ଗରେ କୁସ୍ତି ଲଢ଼ିଥିବା ଅନ୍ତିମ ପ୍ରଥମ ରାଉଣ୍ଡରେ ହାରିଯାଇଥିଲା । ମ୍ୟାଚ୍ ହାରିବା ପରେ ସେ ହୋଟେଲକୁ ଚାଲି ଯାଇଥିଲେ । ହେଲେ ସେ ନିଜର ଅନୁବନ୍ଧିତ ପରିଚୟପତ୍ରକୁ ତାଙ୍କ ଭଉଣୀଙ୍କୁ ଦେଇଥିଲେ । ସେ ଏହାକୁ ବ୍ୟବହାର କରି ଅଲିମ୍ପିକ୍ସ କ୍ରୀଡ଼ା ଗ୍ରାମରେ ପ୍ରବେଶ କରିଥିଲେ ।

ସୁରକ୍ଷାକର୍ମୀମାନେ ତାଙ୍କୁ ଧରିବାରୁ ପୂରା ଘଟଣା ସାମ୍ନାକୁ ଆସିଛି । ଅନ୍ତିମ ଏପରି ଆଚରଣ ଭାରତୀୟ କଣ୍ଟିଜେଣ୍ଟର ମୁଣ୍ଡକୁ ତଳକୁ କରି ଦେଇଥିବାରୁ ତାଙ୍କ ବିରୋଧରେ ଆଇଓଏ କାର୍ଯ୍ୟାନୁଷ୍ଠାନ ନେଇଥିବା କୁହାଯାଉଛି ।

ମିଳିଥିବା ସୂଚନା ଅନୁସାରେ, ଅନ୍ତିମଙ୍କ ପରିଚୟପତ୍ର ଧରି ତାଙ୍କ ଭଉଣୀ ନିଶା କ୍ରୀଡ଼ା ଗ୍ରାମରେ ପ୍ରବେଶ କରିଥିଲେ । ସେଠାରୁ ସେ ଅନ୍ତିମଙ୍କ ଜିନିଷପତ୍ର ଧରି ବାହାରୁଥିବା ବେଳେ ଫ୍ରାନ୍ସ ପୁଲିସ୍ ହାତରେ ଧରାପଡ଼ିଥିଲେ । ପୁଲିସ୍ ତାଙ୍କୁ ଥାନାକୁ ନେବା ସହ ସେଠାରେ ତାଙ୍କର ବୟାନ ରେକର୍ଡ କରିଥିଲା । ଏହାପରେ ସେଠାରେ ଅନ୍ତିମ ପହଞ୍ଚିଥିଲେ । ସେଠାରେ ଲେଖାପଢ଼ା ପରେ ପୁଲିସ୍ ଉଭୟଙ୍କୁ ଛାଡ଼ିଥିଲା ବୋଲି ରିପୋର୍ଟ ପ୍ରକାଶ ପାଇଛି । ତେବେ ଏହାକୁ ଅନ୍ତିମ ଖଣ୍ଡନ କରିଛନ୍ତି । ନିଶା ଗିରଫ ହେବା ଖବରରେ କୌଣସି ସତ୍ୟତା ନାହିଁ । ପୁଲିସ୍ କେବଳ ତାଙ୍କର ପ୍ରକୃତ ପରିଚୟ ଜାଣିବା ପାଇଁ ଥାନାକୁ ନେଇଥିବା ଅନ୍ତିମ ସଫେଇ ଦେଇଛନ୍ତି । ଅନ୍ତିମ କହିଛନ୍ତି ଯେ ମ୍ୟାଚ୍ ହାରିବା ପରେ ଅସୁସ୍ଥ ଅନୁଭବ ହୋଇଥିଲା । ତେଣୁ ସେ ତାଙ୍କ ଭଉଣୀଙ୍କ ହୋଟେଲକୁ ଚାଲି ଯାଇଥିଲେ । ତେବେ ସେ କ୍ରୀଡ଼ାଗ୍ରାମରେ କିଛି ଜିନିଷ ଛାଡ଼ି ଆସିଥିବାରୁ ଭଉଣୀ ନିଶାଙ୍କୁ ସେଠାକୁ ପଠାଇଥିଲେ । ଏହାପରେ ହିଁ ସବୁ ବିବାଦ ଆରମ୍ଭ ହୋଇଛି । ସେ କହିଛନ୍ତି, ମୁଁ ମୋ ମ୍ୟାଚ୍ ହାରିଥିଲି କିନ୍ତୁ ମୁଁ ହାରିବା ପରଠାରୁ କୁହାଯାଉଛି ଯେ ମୋ ଭଉଣୀଙ୍କୁ ପୁଲିସ୍ ଗିରଫ କରିଥିଲା । ଏଥିସହ ମୁଁ ମଧ୍ୟ ଗିରଫ ହୋଇଥିବା ଖବର ପ୍ରକାଶ ପାଇଥିଲା । କିନ୍ତୁ ସେମିତି କିଛି ବି ହୋଇନି । ବାଉଟ୍ ହାରିବା ପରେ ମୋତେ ଜ୍ୱର ହୋଇଯାଇଥିଲା । ତେଣୁ କୋଚ୍‌ଙ୍କ ଅନୁମତିକ୍ରମେ ମୁଁ ମୋ ଭଉଣୀଙ୍କ ହୋଟେଲକୁ ଚାଲି ଯାଇଥିଲି । ହେଲେ ମୋର କିଛି ଜିନିଷ କ୍ରୀଡ଼ାଗ୍ରାମରେ ରହି ଯାଇଥିଲା ମୁଁ ଅସୁସ୍ଥ ଥିବାରୁ ମୋ ଭଉଣୀ ମୋ ପରିଚୟପତ୍ର ଧରି କ୍ରୀଡ଼ାଗ୍ରାମକୁ ଯାଇଥିଲେ । ସେ ଅଧିକାରୀମାନଙ୍କୁ ମୋ ଜିନିଷ ଆଣିବା ପାଇଁ ଅନୁମତି ମାଗିଥିଲେ । ଅଧିକାରୀମାନେ ମୋ ପରିଚୟପତ୍ର ତାଙ୍କ ଠାରୁ ନେଇଯିବା ସହ ତାଙ୍କୁ ପୁଲିସ ଷ୍ଟେସନ ନେଇଯାଇଥିଲେ । ଭେରିଫିକେସନ ପାଇଁ ତାଙ୍କୁ ନିଆ ଯାଇଥିଲା । ମୋତେ ପୁଲିସ ଷ୍ଟେସନ ନିଆଯାଇ ନଥିଲା ।



ଅନ୍ତିମଙ୍କ କହିବା କଥା ଯେ ଭେରିଫିକେସନ ପରେ ନିଶାଙ୍କୁ ତୁରନ୍ତ ପୁଲିସ୍ ଛାଡ଼ି ଦେଇଥିଲା । ପରିଚୟପତ୍ର ମଧ୍ୟ ତାଙ୍କ ହାତରେ ଦିଆଯାଇଥିଲା । ଅନ୍ୟପକ୍ଷରେ ଅନ୍ତିମଙ୍କ ଦୁଇ ଜଣ କୋଚ ମଧ୍ୟ ନିଶାସକ୍ତ ଅବସ୍ଥାରେ ଜଣେ କ୍ୟାବ୍ ଡ୍ରାଇଭରଙ୍କ ସହ ପାଟିତୁଣ୍ଡ କରିଥିବା ରିପୋର୍ଟ ପ୍ରକାଶ ପାଇଛି । ଏହାକୁ ମଧ୍ୟ ଅନ୍ତିମ ଖଣ୍ଡନ କରିଛନ୍ତି ।

# ଗୋଲକିପିଂ ଗ୍ଲୋବ୍ସକୁ ଦଣ୍ଡବତ କରି ବିଦାୟ ନେଲେ ଶ୍ରୀଜେଶ୍

**ପ୍ୟାରିସ୍**

ଦୀର୍ଘ ୧୮ ବର୍ଷ ଧରି ଭାରତୀୟ ହକି ପାଇଁ ନିଜର ସବୁ କିଛି ଦେଇଥିବା ପିଆର ଶ୍ରୀଜେଶ ଶେଷରେ ନିଜର ପ୍ରିୟ ଖେଳକୁ ଅଲବିଦା କହିଛନ୍ତି । ଭାରତ ପାଇଁ ଅଲିମ୍ପିକ୍ସରେ ଶେଷ ମ୍ୟାଚ୍ ଖେଳୁଥିବା ଗୋଲକିପର ଶ୍ରୀଜେଶ ଗୁରୁବାର ବ୍ରୋଞ୍ଜ ପଦକ ସହ ନିଜ ହକି କ୍ୟାରିୟରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ।

ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଭାରତ ୨-୧ରେ ସ୍ପେନ ହରାଇବା ପରେ ଶ୍ରୀଜେଶ କାନ୍ଦି ପକାଇଥିଲେ । ଏଥିସହ ସେ ପଡ଼ିଆରେ ନିଜ ଗୋଲକିପିଂ ଗ୍ଲୋବ୍ସକୁ ରଖି ଦଣ୍ଡବତ ହୋଇଥିଲେ । ଲୁହ ଭିଝା ଆଖିରେ ଶ୍ରୀଜେଶ ଗୋଲପୋଷ୍ଟ ସହ ଗ୍ଲୋବ୍‌ସକୁ ଦଣ୍ଡବତ ହେବାର ମୁହୂର୍ତ୍ତ ବେଶ୍ ଭାବବିହ୍ୱଳ ରହିଥିଲା ।

ଯେଉଁ ଶ୍ରୀଜେଶ ୧୮ ବର୍ଷ ଧରି ଭାରତୀୟ ହକିକୁ ନିଜ କାନ୍ଧରେ ବୋହିଥିଲେ । ଗୁରୁବାର ତାଙ୍କ ଦଳର ଅଧିନାୟକ ହରମନପ୍ରୀତ ସିଂହ କାନ୍ଧରେ ବସାଇ ବୁଲାଇଥିଲେ । ଶ୍ରୀଜେଶ ହେଉଛନ୍ତି ଭାରତୀୟ ହକି ଟିମ୍‌ର ସର୍ବକାଳୀନ ମହାନ ଖେଳାଳି । ସେ ଅନେକ ହାର ଜିତ୍ ଦେଖିଛନ୍ତି । ହେଲେ ଗୁରୁବାର ସେ ତାଙ୍କ ଗୋଲକିପିଂ ଇକ୍ୟୁପମେଣ୍ଟକୁ ଅଲ୍‌ବିଦା କହିବା ବେଳେ କାନ୍ଦି ପକାଇଥିଲେ । ସେ ଗୋଲପୋଷ୍ଟ ଆଗରେ ଦଣ୍ଡବତ ହେବା ପରେ ପଡ଼ିଆ ଛାଡ଼ିଥିଲେ ।

ପିଆର ଶ୍ରୀଜେଶ ଭାରତୀୟ ହକି ଟିମ୍‌ରେ ସୁପରମ୍ୟାନ ଭାବେ ବେଶ୍ ଜଣାଶୁଣା । ୨୦୦୬ରେ ଭାରତୀୟ ସିନିୟର ଟିମ୍ ପାଇଁ ଡେବ୍ୟୁ କରିଥିଲେ ଶ୍ରୀଜେଶ । ସେ ଭାରତ ପକ୍ଷରୁ ୩୩୫ଟି ମ୍ୟାଚ ଖେଳିଛନ୍ତି । ଏହାପୂର୍ବରୁ ୨୦୦୪ରେ ଜାତୀୟ ଜୁନିୟର ଟିମ୍‌ରେ ସାମିଲ ହୋଇଥିଲେ ଶ୍ରୀଜେଶ । ପର୍ଥରେ ଅଷ୍ଟ୍ରେଲିଆ ବିପକ୍ଷରେ ସେ ଜାତୀୟ ଜୁନିୟର ଟିମ୍ ତରଫରୁ ଖେଳିଥିଲେ । ପ୍ରଥମ ମ୍ୟାଚ୍ ୨୦୦୬ରେ କଲମ୍ବୋରେ ଅନୁଷ୍ଠିତ ଦକ୍ଷିଣ ଏସୀୟ କ୍ରୀଡ଼ାରେ ସେ ଜାତୀୟ ସିନିୟର ଟିମ୍‌ରେ ଡେବ୍ୟୁ କରିଥିଲେ ।




କୋଚି ଉପକଣ୍ଠ କିଝାକ୍କାମ୍ବାଲମରେ ଜନ୍ମିତ ଶ୍ରୀଜେଶଙ୍କ ବାପା ଦୁଇଟି ଗାଈ ବିକ୍ରୀ କରି ତାଙ୍କ ପାଇଁ ହକି କିଟ୍ କିଣିଥିଲେ । ପ୍ରଥମେ ସେ ହକି ଶିଖିବା ପାଇଁ ଥିରୁଅନନ୍ତପୁରମରେ ଥିବା ଜିଭି ରାଜା ସ୍ପୋର୍ଟସ ସ୍କୁଲରେ ଭର୍ତ୍ତି ହୋଇଥିଲେ । ସେଠାରେ କୋଚ୍ ତାଙ୍କୁ ଗୋଲକିପର ହେବାକୁ ପରାମର୍ଶ ଦେଇଥିଲେ । ସେବେଠାରୁ ସେ ଗୋଲକିପିଂ କରି ଆସୁଛନ୍ତି ।

ପ୍ରାରମ୍ଭିକ ଭାବେ ହିନ୍ଦୀ ଭାଷା କୁହାଯାଉଥିବା ପରିବେଶରେ ଶ୍ରୀଜେଶ ଅଡୁଆ ଅନୁଭବ କରିଥିଲେ । କିନ୍ତୁ ସେ ନିଜ ଗୋଲକିପିଂ ମାଧ୍ୟମରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ । ଏଥିସହ ନିଜକୁ ମଧ୍ୟ ହିନ୍ଦୀ ଭାଷା ପରିବେଶରେ ଖାପ ଖୁଆଇ ଦେଇଥିଲେ ।

ଶ୍ରୀଜେଶ ତାଙ୍କ କ୍ୟାରିୟର ମଧ୍ୟରେ ୩ ଥର ଏସିଆନ ଗେମ୍ସ ମେଡାଲ ଜିତିଛନ୍ତି । ଏହା ମଧ୍ୟରେ ୨୦୨୨ ସ୍ୱର୍ଣ୍ଣ ପଦକ ମଧ୍ୟ ରହିଛି । ଏହି ସ୍ୱର୍ଣ୍ଣ ପଦକ ଯୋଗୁ ଭାରତୀୟ ଟିମ୍ ପ୍ୟାରିସ୍ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିପାରିଥିଲା । ୨୦୨୧ ଓ ୨୦୨୨ରେ ସେ ଏଫଆଇଏଚ୍ ପକ୍ଷରୁ ଶ୍ରେଷ୍ଠ ଗୋଲକିପର ଆଖ୍ୟା ପାଇଥିଲେ ।

ଭାରତୀୟ ହକି ପାଇଁ ତାଙ୍କର ଅବଦାନ ଯୋଗୁ ଶ୍ରୀଜେଶ ୨୦୧୭ରେ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ । ୨୦୨୧ରେ ତାଙ୍କୁ ଖେଳରତ୍ନରେ ସମ୍ମାନିତ କରାଯାଇଥିଲା ।

ଭାରତ ୧୯୭୨ ପରେ ପ୍ରଥମଥର ପାଇଁ ଅଲିମ୍ପିକ୍ସରେ ବ୍ୟାକ୍ ଟୁ ବ୍ୟାକ୍ ପଦକ ଜିତିଛି । ଏଥିସହ ଅଲିମ୍ପିକ୍ସରେ ଭାରତୀୟ ହକି ନିଜର ୧୩ତମ ମେଡାଲ ହାସଲ କରିଛି । ଏଥିରେ ୮ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ରହିଛି ।

# ମନୁ ଭାକରଙ୍କୁ ୩୦ ଲକ୍ଷ ଟଙ୍କା ଚେକ୍ ପ୍ରଦାନ କଲେ କ୍ରୀଡ଼ା ମନ୍ତ୍ରୀ




**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତୀୟ ସୁଟର ମନୁ ଭାକର ଦେଶ ପାଇଁ ପ୍ରଥମ ପଦକ ଜିତିଥିଲେ । ସେ ଦେଶ ପାଇଁ ବ୍ରୋଞ୍ଜ ପଦକ ଆଣିଥିଲେ । ପ୍ୟାରିସ ଅଲିମ୍ପିକ୍ସରେ ଭାରତ ଏପର୍ଯ୍ୟନ୍ତ ୩ଟି ପଦକ ଜିତିଛି ଏବଂ ୩ଟି ସୁଟିଂରୁ ଆସିଛି । କ୍ରୀଡ଼ା ମନ୍ତ୍ରୀ ମାନସୁଖ ମାଣ୍ଡବ୍ୟ ନିକଟରେ ମନୁ ଭାକରଙ୍କୁ ଭେଟିଥିଲେ । ସାକ୍ଷାତ ସମୟରେ ସେ ମନୁଙ୍କୁ ପୁରସ୍କାର ରାଶିର ଏକ ଚେକ୍ ମଧ୍ୟ ଦେଇଥିଲେ । ମନୁ ଭାକର ସୋସିଆଲ ମିଡିଆ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି । କ୍ରୀଡ଼ା ମନ୍ତ୍ରୀ ମାଣ୍ଡବ୍ୟଙ୍କ ମଧ୍ୟ ଏହି ପୋଷ୍ଟକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ।

ମହିଳା ପିସ୍ତଲ ବିଭାଗରେ ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିଥିବା ମନୁ ଭାକରଙ୍କୁ ୩୦ ଲକ୍ଷ ଟଙ୍କା ଚେକ୍ ପ୍ରଦାନ କରାଯାଇଥିଲା । କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନୁଙ୍କୁ ଏହି ଚେକ ଦେଇଥିଲେ ସେ ମନୁଙ୍କ ପାଇଁ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଥିଲେ । କ୍ରୀଡ଼ା ମନ୍ତ୍ରୀ ଲେଖିଛନ୍ତି, ଆଜି ମୁଁ ଦେଶର ଝିଅ ମନୁ ଭକରଙ୍କୁ ଭେଟିଥିଲି, ଯିଏକି ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଦୁଇଟି ବ୍ରୋଞ୍ଜ ପଦକ ଜିତିବା ପରେ ଘରକୁ ଫେରିଥିଲେ ଏବଂ ତାଙ୍କୁ ଐତିହାସିକ ବିଜୟ ଏବଂ ଶୁଭେଚ୍ଛା ଜଣାଇଥିଲେ ।

ମନୁ ଭାକର ୧୦ ମିଟର ଏୟାର ପିସ୍ତଲରେ ବ୍ରୋଞ୍ଜ ପଦକ ଜିତିଥିଲେ ଏହା ପରେ ସେ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ମଧ୍ୟ ବ୍ରୋଞ୍ଜ ଜିତିଥିଲେ । ସ୍ୱପ୍ନିଲ ଭାରତ ପାଇଁ ତୃତୀୟ ବ୍ରୋଞ୍ଜ ଜିତିଥିଲେ ।

# ଗାଡ଼ି ପାର୍କିଂକୁ ନେଇ ରାଜଧାନୀରେ ଡବଲ ମର୍ଡର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ବୁଧବାର ବିଳମ୍ବିତ ରାତିରେ ହାଇଟେକ୍ ଆପାର୍ଟମେଣ୍ଟ ନିକଟ କଲ୍ୟାଣୀ ପ୍ଲାଜାରେ ଏହି ହତ୍ୟାକାଣ୍ଡ ଘଟିଛି । ଗାଡ଼ି ପାର୍କିଂକୁ ନେଇ ଛୁରି ଭୁସି ହତ୍ୟା କରାଯାଇଥିବା ଜଣାପଡ଼ିଛି । ତେବେ ହତ୍ୟାକାରୀଙ୍କୁ ଧରିବା ପାଇଁ ଏୟାରଫିଲ୍‌ଡ ଥାନା ପୋଲିସ ତଦନ୍ତ ଚଳାଇଛି । ସୂଚନା ମୁତାବକ, ମୃତକ ଦୁଇଜଣ ହେଉଛନ୍ତି ରଶ୍ମି ରଞ୍ଜନ ସେଠୀ ଓ ବବଲୁ । ରଶ୍ମିଙ୍କ ଘର କୁହା ଗାଁରେ ହୋଇଥିବା ବେଳେ ବବଲୁଙ୍କ ଘର କେନ୍ଦ୍ରାପଡ଼ା ବୋଲି ଜଣାପଡିଛି । ହତ୍ୟାକାରୀ ଦୁଇଜଣ ହେଲେ ଗଣେଶ ମଲ୍ଲିକ ଓ ପପୁ ମଲ୍ଲିକ ବୋଲି ପ୍ରାଥମିକ ସୂଚନାରୁ ଜଣାପଡିଛି । ଖବର ପାଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ସ୍ପେଶାଲ ସ୍କ୍ୱାଡ଼ ପହଞ୍ଚି ପାରିପାର୍ଶ୍ୱିକ ପରିସ୍ଥିତି ଯାଞ୍ଚ କରିଛନ୍ତି । ସେପଟେ କିଛିଦିନ ତଳେ ଏକ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏହି ଦୁଇ ଗୋଷ୍ଠୀ ଏୟାରଫିଲଡ଼ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୋଲିସ ଘଟଣାକୁ ହାଲକା ଭାବେ ନେଇଥିବା ଅଭିଯୋଗ ହୋଇଛି ଯେଉଁଥିପାଇଁ ମୃତକଙ୍କ ପରିବାର ଲୋକେ ଥାନାରେ ପାଟିତୁଣ୍ଡ କରିଛନ୍ତି । ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା ପାଇଁ ଏୟାରଫିଲଡ଼ ଥାନାରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି ।

# ମହାନଦୀରେ ବ୍ୟାରେଜ୍ ନିର୍ମାଣ ପାଇଁ ସର୍ଭେ ଆରମ୍ଭ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ମହାନଦୀର ଉପର ମୁଣ୍ଡରେ ଛତିଶଗଡ ବ୍ୟାରେଜ୍ ନିର୍ମାଣ କରିଛି । ବ୍ୟାରେଜ୍ ଯୋଗେ ପାଣିକୁ ଅଟକାଇ ରଖୁଛି । ଫଳରେ ଓଡ଼ିଶାରେ ମହାନଦୀ ଶୁଖିଲା ପଡିଛି । ଆବଶ୍ୟକ ସମୟରେ ଛତିଶଗଡ ପାଣି ଛାଡୁନାହିଁ । ଯେଉଁ ସମୟରେ ପାଣି ଛାଡୁଛି, ତାହା ବୋହି ସିଧାସଳଖ ସମୁଦ୍ରକୁ ଯାଉଛି । ହୀରାକୁଦ ପରେ ମୁଣ୍ଡଳୀ ଓ ଯୋବ୍ରାକୁ ଛାଡିଦେଲେ ପାଣି ରୋକିବା ପାଇଁ କୌଣସି ସ୍ଥାନରେ ଆନିକଟ ବା ବ୍ୟାରେଜ୍ ନାହିଁ । ଏଭଳି ସ୍ଥଳେ ମହାନଦୀ ଉପରେ ବ୍ୟାରେଜ୍ ନିର୍ମାଣ କରିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି । ଏହାକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ମହାନଦୀ ଉପରେ ୨ଟି ବ୍ରିଜ୍ ସହ ବ୍ୟାରେଜ୍ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛି । ଏଥିସହ ସମ୍ବଲପୁରର ଐତିହାସିକ ଅଯୋଧ୍ୟା ସରୋବରର ବିକାଶ କରିବା ସହ ଏକ ବ୍ୟାରେଜ୍ ନିର୍ମାଣ ପାଇଁ ସମ୍ବଲପୁର ଜଳସେଚନ ବିଭାଗକୁ ଚିଠି ଲେଖାଯାଇଛି । ଫଳରେ ବିଭାଗ ସର୍ଭେ କାମ ଆରମ୍ଭ କରିଛି । ଏହି ମାସ ଶେଷ ସୁଦ୍ଧା ସର୍ଭେ କାମ ଶେଷ ହେବ ବିଭାଗ ପକ୍ଷରୁ ଜଣାପଡିଛି ।

ମହାନଦୀରେ ବ୍ରିଜ୍ ସହ ବ୍ୟାରେଜ୍ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଉଛି । ରାଜ୍ୟ ଜଳସେଚନ ବିଭାଗ ନିର୍ଦ୍ଦେଶ କ୍ରମେ ସର୍ଭେ କାମ ଆରମ୍ଭ ହୋଇଛି । ଦେଓଗାଁ ଓ ମାନେଶ୍ୱରରେ ଏହା ନିର୍ମାଣ ହେବ । ଅଧିକ ପାଣି ରହିବା ସ୍ଥାନକୁ ସର୍ଭେ ସମୟରେ ଗୁରୁତ୍ୱ ଦିଆଯାଉଛି । ଏଥିସହ ଯେଭଳି କୌଣସି ପରିବାର ବିସ୍ଥାପିତ ନହୁଅନ୍ତି ସେନେଇ ମଧ୍ୟ ଦୃଷ୍ଟି ଦିଆଯାଇଛି । ଅନ୍ୟପଟେ ସମ୍ବଲପୁର ସହର ରିଂରୋଡ୍ କଡ଼ରେ ଥିବା ୬୦ଦଶକର ଆନିକଟ୍(ଅଯୋଧ୍ୟା ସରୋବର) ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସମୟରେ ଘାଇ ସୃଷ୍ଟି ହେଉଛି । ଏହାର ପୁନରୁଦ୍ଧାର ପାଇଁ ମଧ୍ୟ ସର୍ଭେ କରାଯାଉଛି । ତେବେ ଏହାକୁ ବିକଶିତ କରିବା ସହ ଏକ ନୂତନ ବ୍ୟାରେଜ୍ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ସମ୍ବଲପୁର ମହାନଦୀରେ ୧୯୬୩-୬୪ ମସିହା ବେଳକୁ ଏହି ଆନିକଟ୍ ନିର୍ମାଣ ହୋଇଥିଲା । ତତ୍‌କାଳୀନ ରାଜ୍ୟପାଳ ଅଯୋଦ୍ଧାନାଥ ଖୋସଲାଙ୍କ ନାମ ଅନୁସାରେ ଏହାର ନାମ ଅଯୋଧ୍ୟା ସରୋବର ନାମରେ ନାମିତ କରାଯାଇଛି । ଏହା ପ୍ରାୟ ୧୭୦୦ ମିଟର ଲମ୍ବ ଓ ହାରାହାରି ୨ ମିଟର ଉଚ୍ଚତା ବିଶିଷ୍ଟ ଅଟେ । ଆନିକଟ୍‌ର ପୁନରୁଦ୍ଧାର ପାଇଁ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଡିଜାଇନ ପ୍ରସ୍ତୁତ କରାଯାଇଥିଲା । ମୋଟ୍ ୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା । ମାତ୍ର ତାହା ଫାଇଲ୍ ତଳେ ଚାପି ହୋଇ ରହିଥିଲା । ୨୦୨୨ ମସିହା ଅକ୍ଟୋବର ମାସରେ ଏକ ବଡ଼ ଧରଣର ଘାଇ ସୃଷ୍ଟି ହେବା ପରେ ଜଳସମ୍ପଦ ବିଭାଗ ଏକ ସୁଉଚ୍ଚ ଆନିକଟ୍ ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କରିଛି ।

ମହାନଦୀର ପାଣିକୁ ଅଟକାଇବା ପାଇଁ ବିଭିନ୍ନ ସମୟରେ ସରକାର ପ୍ରସ୍ତାବିତ ବ୍ୟାରେଜ୍ ନିର୍ମାଣ ପାଇଁ ଏକାଧିକ ସ୍ଥାନ ଚୟନ କରିଥିଲେ । ୧୯୬୦ ମସିହାରେ ହୀରାକୁଦ ଜଳଭଣ୍ଡାରର ୨ୟ ୟୁନିଟ୍ ଭାବେ ଟିକରପଡା ଠାରେ ମହାନଦୀର ଜଳଭଣ୍ଡାର ନିର୍ମାଣ ପାଇଁ ଯୋଜନା ଆରମ୍ଭ ହୋଇଥିଲା । ଏହାର ଜଳପତନ ୧୩୧ମିଟର ରଖାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଏଥିରେ ମଣିଭଦ୍ରା ବନ୍ଧକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ମହାନଦୀର ତ୍ରିକୋଣ ଭୂମି ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ ଓ ବିଦ୍ୟୁତ୍ ଉତ୍ପାଦନକୁ ଦୃଷ୍ଟିରେ ରଖି ଏହି ଯୋଜନା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ମାତ୍ର ବିଭିନ୍ନ ସ୍ଥାନରେ ବିରୋଧ ଯୋଗୁଁ ଏହି ଯୋଜନା ଶୀତଳ ଭଣ୍ଡାରରେ ପଡି ରହିଛି । ପରବର୍ତୀ ସମୟରେ ଜଳଭଣ୍ଡାର ପରିବର୍ତ୍ତେ ବ୍ୟାରେଜ୍ ନିର୍ମାଣ ପାଇଁ ଦାବି ହୋଇଥିଲା । ଅନ୍ୟପଟେ ଛତିଶଗଡ଼ ସରକାର ମହାନଦୀରେ ବନ୍ଧ ଓ ବ୍ୟାରେଜ୍ ନିର୍ମାଣ କରି ଜଳକୁ ଅଟକାଇବା ପରେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିଛି ।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** CAD-791
ଆକାଶ ଶୋଭା ବିଲଡ଼ିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୨୩୮୩୯ / ଭୁ.ଉ.କ., ଭୁବନେଶ୍ୱର KNM-663/93 **ସୂଚନା** ତା ୨୬.୦୭.୨୦୨୪ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗନଗର ପ୍ଲଟେଡ୍ ଡେଭଲପ୍‌ମେଣ୍ଟ ସ୍କିମ୍, ମୌଜା- ଘାଟିକିଆ, ଭୁବନେଶ୍ୱର ଅନ୍ତର୍ଗତ MIG ପ୍ଲଟ୍ ନଂ-K-8-589 କୁ **ଶ୍ରୀ ହେମନ୍ତ କୁମାର ଦାସ, ପିତା-ସ୍ୱର୍ଗତ ଭଗବାନ ଦାସ, ଗ୍ରାମ/ପୋଷ୍ଟ-ଓରାଳି, ଥାନା-ନନ୍ଦିପଡ଼ା, ଜିଲ୍ଲା-କେଉଁଝର, ଓଡ଼ିଶାଙ୍କ** ନାମରେ ଆବଣ୍ଟନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ **ହେମନ୍ତ କୁମାର ଦାସ** ଗତ ତା-୧୭.୧୨.୨୦୨୧ ରିଖରେ ମୃତ୍ୟୁବରଣ କରିଅଛନ୍ତି । **(Death certificate No.96/2022 dated 07.01.2022).**

**Legal heir certificate No. Misc.Case No. E-LHC/2022/13417 dated 05.05.2022** ଅନୁଯାୟୀ **ହେମନ୍ତ କୁମାର ଦାସ**ଙ୍କର ଉତ୍ତରାଧିକାରୀ (୧) ଚିନ୍ମୟୀ ଦାସ (ସ୍ତ୍ରୀ), (୨) ଆଦ୍ୟାସା ଦାସ (ବିବାହିତା କନ୍ୟା), (୩) ଅନନ୍ୟା ଦାସ (ଅବିବାହିତା କନ୍ୟା) ଓ (୪) ଔରଶିଷ ଦାସ (ପୁତ୍ର) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ୱ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ୍ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ରର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
OIPR-13033/11/0102/2425 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

Mail ID: - eepwd.bgr@rediffmail.com
eepwd.bgr@gmail.com
Ph. No. 06652-232374

GOVERNMENT OF ODISHA
OFFICE OF THE SUPERINTENDING ENGINEER,
BOLANGIR (R&B) DIVISION: BOLANGIR
BID IDENTIFICATION No: BGR R&B/ 03/ 2024-25 B-160
No. 2042 // Dtd.05.08.24

1. The Superintending Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single cover system in ONLINE MODE for construction of building work detailed in the table below from eligible contractors.
2. Nature of work : Electrical Work
3. No of tender : 1 Nos. Electrical Work
4. Tender cost : Rs. 4,000/- (Tender paper cost )
5. Class of Contractor : "HT" Class (Registered with ELBO)
6. Date & Time of sale & Receipt of Bids : From Dt. 09.08.24,11.00 A.M Dt. 20.08.24 up to 5.00 P.M
7. Date of opening bid : Dt. 21.08.24 at 11.30 A.M
8. The bidders have to participate in ONLINE bidding only. Further details can be seen from the website: http://tendersodisha.gov.in.

Sd/- Superintending Engineer
OIPR-34028/11/0003/2425 Bolangir (R&B) Division

ଭୁବନେଶ୍ୱର
୦୯ ଅଗଷ୍ଟ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

# ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁସ୍ତକ 'ପ୍ରେ'ର ଶୁଭ ଲୋକାର୍ପଣ



**ଭୁବନେଶ୍ୱର, ୮/୮: ନ୍ୟୁଜ ବ୍ୟୁରୋ**

ପ୍ରଖ୍ୟାତ ଆୟୁର୍ବେଦ ବିଶେଷଜ୍ଞ, ସ୍ତମ୍ଭକାର ଏମିରେଟସ୍ ପ୍ରଫେସର ଡ. ଚତୁର୍ଭୁଜ ଭୂୟାଁଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ 'ପ୍ରେ'(ନଟ୍ ଟୁ ବି ପ୍ରେ ଅଫ୍ ବ୍ୟାଡ୍-ଏଲ୍ଏସ୍ଡିଏସ୍)କୁ 'ସମ୍ବାଦ କଳିକା'ର ସଂପାଦକ ଜୟାଶୀଷ୍ ରାୟ ଶୁଭ ଉନ୍ମୋଚନ କରୁଛନ୍ତି। ତାଙ୍କ ସହିତ ଅଛନ୍ତି ଏକ ଅଗ୍ରଣୀ ଫାର୍ମାସିଟ୍ୟୁକାଲ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଡ. ଦୀପକ ଶତପଥୀ। ଗତ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଡ. ଭୂୟାଁ ରାଜ୍ୟର ସମସ୍ତ ଅଗ୍ରଣୀ ସମ୍ବାଦପତ୍ରରେ ନିୟମିତ ଭାବେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରବନ୍ଧ ପ୍ରକାଶ କରିଆସୁଛନ୍ତି। 'ସମ୍ବାଦ କଳିକା'ର ସେ ଜଣେ ନିୟମିତ ସ୍ତମ୍ଭ ଲେଖକ। ତାଙ୍କର ପ୍ରାୟ ୬୮୦ଟି ପ୍ରବନ୍ଧ 'ସମ୍ବାଦ କଳିକା'ରେ ପ୍ରକାଶ ପାଇସାରିଛି। ସେ ୪୦ ବର୍ଷ ଭିତରେ ୮୫ଟି ପୁସ୍ତକ ରଚନା କରିସାରିଛନ୍ତି ଯାହା ମଧ୍ୟରେ ରହିଛି ୨୫ଟି ଇଂରାଜୀ ପୁସ୍ତକ। ଏଗୁଡ଼ିକ ମଧ୍ୟରେ କଲେଜ ସିଲାବସ ପାଠ୍ୟପୁସ୍ତକ ମଧ୍ୟ ଅନ୍ତର୍ଭୁକ୍ତ। ଗୁଜୁରାଟ ସମେତ ଦେଶର ବିଭିନ୍ନ ଖ୍ୟାତିସଂପନ୍ନ ବିଶ୍ୱବିଦ୍ୟାଳୟରେ ସେ ଚାନ୍ସଲର ଇନଚାର୍ଜ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ଅଧୀନରେ ଦେଶ, ରାଜ୍ୟ ତଥା ବିଦେଶର ପ୍ରାୟ ୬୦ ଜଣ ପିଏଚଡି କରିଛନ୍ତି ଓ ୫୦୦ ରୁ ଅଧିକ ପିଜି କରିଛନ୍ତି। ତାଙ୍କର ଗବେଷଣାଲବ୍ଧ ପ୍ରବନ୍ଧ ପୁସ୍ତକ ବିଦେଶୀ ରାଷ୍ଟ୍ରରେ ବହୁଳ ଭାବରେ ଲୋକପ୍ରିୟତା ହାସଲ କରିଛି।

ଲୋକାର୍ପିତ 'ପ୍ରେ' ପୁସ୍ତକଟି ଉଚ୍ଚ ରକ୍ତଚାପ, ଆର୍ଥରାଇଟିସ ଓ ଡାଇବେଟିସ ଭଳି ରୋଗମାନଙ୍କର ସରଳ ନିରାକରଣ ଓ ଉପଶମ ନିମନ୍ତେ ଉଦ୍ଦିଷ୍ଟ। ଡ. ଭୂୟାଁ 'ସମ୍ବାଦ କଳିକା'ରେ ନିୟମିତ ସ୍ତମ୍ଭକାର ଭାବେ ଗବେଷଣାଲବ୍ଧ ଲେଖାମାନ ଲେଖି ଆସୁଛନ୍ତି। ବର୍ତ୍ତମାନ ସେ ଶ୍ରୀ ଶ୍ରୀ ୟୁନିଭରସିଟିର ପ୍ରୋକ୍ଟୋଲୋଜି କୋର୍ସ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଏହି ପ୍ରୋକ୍ଟୋଲୋଜି ଶ୍ରେଣୀରେ 'ବିଏମ୍ଏସ୍ ଏବଂ ବିଏଚ୍ଏମ୍ଏସ୍'ର ଛାତ୍ରଛାତ୍ରୀମାନେ ଅଧ୍ୟୟନରତ।



## ମହମ୍ମଦ ୟୁନୁସ ବାଂଲାଦେଶର ଚିଫ୍ ଆଡ୍ଭାଇଜର ଭାବେ ଶପଥ ନେଲେ

**ଢାକା, ୮/୮**

ନୋବେଲ ପୁରସ୍କାର ବିଜେତା ଡ. ମହମ୍ମଦ ୟୁନୁସ ବାଂଲାଦେଶର ଚିଫ୍ ଆଡ୍ଭାଇଜର ଭାବେ ଶପଥ ଗ୍ରହଣ କରିଛନ୍ତି। ବଙ୍ଗଭବନ ଠାରେ ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ସାହାବୁଦ୍ଦିନ ନୂଆ ସରକାରଙ୍କୁ ଶପଥ ପାଠ କରାଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ ଡ. ୟୁନୁସଙ୍କୁ ଶୁଭେଚ୍ଛା ଜଣାଇବା ସହ ଖୁବ ଶୀଘ୍ର ବାଂଲାଦେଶରେ ସ୍ୱାଭାବିକ ଅବସ୍ଥା ଫେରିଆସିବ ବୋଲି ଆଶା ପ୍ରକାଶ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ତାଙ୍କ ପଦରୁ ଇସ୍ତଫା ଦେବା ପରେ ଡ. ମହମ୍ମଦ ୟୁନୁସଙ୍କୁ ଦେଶର ପ୍ରଧାନମନ୍ତ୍ରୀ ପଦ ପାଇଁ ମନୋନୟନ କରାଯାଇଥିଲା। ରାଜନୈତିକ ହିଂସାକାଣ୍ଡ ଯୋଗୁ ଦେଶରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା।

### କିସ୍‌ର ଆଉ ଏକ କୀର୍ତ୍ତିମାନ

# ଜାତୀୟ ସଙ୍ଗୀତ ଗାନରେ ବିଶ୍ୱ ଗିନିଜ୍ ରେକର୍ଡ଼









**ଭୁବନେଶ୍ୱର ୮ ।୮ ନ୍ୟୁଜ ବ୍ୟୁରୋ**

କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ ସୋସିଆଲ୍ ସାଇନ୍ସେସ୍ (କିସ୍) ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛି । ଜାତୀୟ ସଙ୍ଗୀତ ଗାନରେ କିସ୍ ବିଶ୍ୱ ରେକର୍ଡ଼ କରିଛି । କିସ୍‌ର ୧୩, ୯୪୪ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମୂହ ଜାତୀୟ ସଙ୍ଗୀତ ଗାନ ବିଶ୍ୱ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଛି । ଗିନିଜ୍ ବୁକ୍ ଅଫ୍ ୱାର୍ଲଡ଼ ରେକର୍ଡ କର୍ତ୍ତୃପକ୍ଷ ଗୁରୁବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସମ୍ବାଦିକ ସମ୍ମିଳନୀରେ ଏ ନେଇ ଘୋଷଣା କରିଛନ୍ତି । ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସଙ୍ଗୀତଜ୍ଞ, ପରିବେଶବିତ୍ ତଥା ତିନି ତିନି ଥର ସମ୍ମାନଜନକ ଗ୍ରାମୀ ପୁରସ୍କାର ବିଜେତା ରିକି କେଜ୍‌ଙ୍କ ସଙ୍ଗୀତ ନିର୍ଦ୍ଦେଶନା ଓ ଲଣ୍ଡନର ଫିଲାହାରମୋନିକ୍ ଅର୍କେଷ୍ଟ୍ରାର ମିଳିତ ସହଯୋଗରେ ଏହି ସମୂହ ଜାତୀୟ ସଙ୍ଗୀତ ଗାନକୁ ରେକର୍ଡ କରାଯାଇଛି । ଏଥିରେ ପ୍ରଖ୍ୟାତ ବଂଶୀ ବାଦକ ହରି ପ୍ରସାଦ ଚୌରାସିଆ, ବିଶିଷ୍ଟ ସରୋଦ ବାଦକ ଅମନ୍ ଓ ଆୟାନ ଅଲ୍ଲୀ ଖାନ୍, ବିଶିଷ୍ଟ ସନ୍ତୁର ବାଦକ ରାହୁଲ ଶର୍ମାଙ୍କ ଭଳି ଭାରତର ବହୁ ପ୍ରତିଷ୍ଠିତ ତଥା ସୁନାମଧନ୍ୟ ବାଦ୍ୟଯନ୍ତ୍ର ଶିଳ୍ପୀ ବାଦ୍ୟଯନ୍ତ୍ର ପରିବେଷଣ କରିଛନ୍ତି । ଆସନ୍ତା ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଅଗଷ୍ଟ ୧୪ତାରିଖରେ ଏହା ଆନୁଷ୍ଠାନିକ ଭାବେ ରିଲିଜ୍ ହେବ । କିସ୍‌ର ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଛନ୍ତି ଏହା କେବଳ କିସ୍ ନୁହେଁ ଓଡ଼ିଶା ତଥା ଭାରତ ପାଇଁ ସମ୍ମାନର ବିଷୟ । ଏଥିପାଇଁ ଶ୍ରୀ ରିକି କେଜ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### ଉନ୍ନୟନ କମିଶନର-ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବନ୍ୟା ନିୟନ୍ତ୍ରଣ କକ୍ଷ ପରିଦର୍ଶନ

# ଯନ୍ତ୍ରୀ ଏବଂ ଅଧିକାରୀମାନଙ୍କୁ ସତର୍କ ଦୃଷ୍ଟି ରଖି ଜଳ ପରିଚାଳନା କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୮/୮**
**ନ୍ୟୁଜ ବ୍ୟୁରୋ**

ରାଜ୍ୟ ଉନ୍ନୟନ କମିଶନର-ତଥା - ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗ ଗୁରୁବାର ପୂର୍ବାହ୍ନରେ ବନ୍ୟା ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରି ସେଠାରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ହୀରାକୁଦ ଏବଂ ରେଙ୍ଗାଲୀ ଜଳ ଭଣ୍ଡାର ସମେତ ରାଜ୍ୟର ଅନ୍ୟ ବିଭିନ୍ନ ନଦୀ ଅବବାହିକାରେ ଥିବା ବୃହତ୍, ମଧ୍ୟମଜଳ ଭଣ୍ଡାରର ଜଳସ୍ତର ଓ ନଦୀରେ ଜଳ ପ୍ରବାହ ସ୍ଥିତି ଅନୁଧ୍ୟାନ କରିଥିଲେ ।

ବିଭିନ୍ନ ଜିଲ୍ଲାରେ ଲାଗି ରହିଥିବା ମୌସୁମୀ ଓ ଲଘୁଚାପ ଜନିତ ଲଗାଣ ବର୍ଷା, ଆଗକୁ ଲଘୁଚାପ ଫଳରେ ଅଧିକ ବର୍ଷା ସମ୍ଭାବନା ସଂପର୍କରେ ପାଣିପାଗ ବିଭାଗର ସତର୍କ ସୂଚନାକୁ ଦୃଷ୍ଟିରେ ରଖି ବିଭିନ୍ନ ଜଳ ଭଣ୍ଡାର ଓ ନଦୀରେ ଜଳ ପ୍ରବାହ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ସତର୍କତାର ସହ ଜଳ ପରିଚାଳନା କରିବା ଏବଂ ତଦାରଖ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବାକୁ ସେ ସମସ୍ତ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଅନୁଧ୍ୟାନରୁ ସାଂପ୍ରତିକ ସ୍ଥିତିରେ ବିଭିନ୍ନ ଜଳ ଭଣ୍ଡାର ଓ ନଦୀରେ ଜଳ ପ୍ରବାହସ୍ଥିତି ବିପଦଜନକ ସ୍ଥିତିରେ ନ ଥିବା ଉନ୍ନୟନ କମିଶନର ତଥା ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିଶ୍ଚିତ ହୋଇଥିଲେ । ଆଜି ହୀରାକୁଦ ଜଳଭଣ୍ଡାରରୁ ୮ଟି ଗେଟ୍ ଦେଇ ଅତିରିକ୍ତ ଜଳ ପ୍ରବାହିତ ହେଉଛି । ଗଠିତ ସ୍ୱତନ୍ତ୍ର ବୈଷୟିକ କମିଟିର ପରାମର୍ଶ ଅନୁଯାୟୀ ହୀରାକୁଦ ସମେତ ବିଭିନ୍ନ ଜଳ ଭଣ୍ଡାରରେ ଜଳସ୍ତର ସ୍ଥିତି ବଜାୟ ରଖାଯିବା ଉପରେ ଗୁରୁତ୍ୱ ଦିଆଯାଇଛି । ଲଗାଣବର୍ଷାରେ ଯେଉଁଠି ବନ୍ୟା ସ୍ଥିତି ଦେଖାଯାଉଛି , ନଦୀବନ୍ଧ ପ୍ରଭାବିତ ହେବା ସୂଚନା ରହୁଛି ଏବଂ ବିଶେଷ କରିଡ୍ରେନେଜ୍ ସମସ୍ୟା ଉପୁଜୁଛି, ସେଥିପ୍ରତି ଜଳସମ୍ପଦ ବିଭାଗର ଯନ୍ତ୍ରୀମାନେ ଜିଲ୍ଲା ପ୍ରଶାସନ ସହଯୋଗରେ ତ୍ୱରିତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ବିଭାଗର ଏସ୍ଓପି ଅନୁସାରେ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁସତର୍କ ରହି କାର୍ଯ୍ୟ ପରିଚାଳନା କରିବାକୁ ମଧ୍ୟସେ ନିର୍ଦ୍ଦେଶ ଦେଇଛନ୍ତି ।



ପ୍ରକାଶ ଥାଉକି, ଉନ୍ନୟନ କମିଶନର ତଥା ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଭିନ୍ନ ସମୟରେ ରାଜ୍ୟର ବିଭିନ୍ନ ବୃହତ ଓ ମଧ୍ୟମ ଜଳ ଭଣ୍ଡାରଗୁଡିକର ସ୍ଥିତି ଓ ବିଭିନ୍ନ ନଦୀରେ ଜଳ ପ୍ରବାହର ସ୍ଥିତି ସଂପର୍କରେ ନିୟମିତ ଅନୁଧ୍ୟାନ କରିବା ସହିତ ଏ ସଂପର୍କରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି । ଏଥି ସହିତ ସଂପୃକ୍ତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ବରାବର ଯୋଗାଯୋଗ ରଖି ଜଳ ଓ ନଦୀବନ୍ଧ ପରିଚାଳନା କାର୍ଯ୍ୟକୁ ଗୁରୁତ୍ୱ ଦେଇଆସୁଛନ୍ତି ।

## ଗ୍ରାମାଞ୍ଚଳରେ ଦୁର୍ଘଟଣା ହ୍ରାସ ଉପରେ ପ୍ରାଧାନ୍ୟ ଦେବ ପରିବହନ ବିଭାଗ ଆଇଆଇଟି ମାଡ୍ରାସ ଟିମ୍ ସହ ଆଲୋଚନା

**ଭୁବନେଶ୍ୱର, ୮/୮ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁସଂଖ୍ୟା ହ୍ରାସକୁ ପ୍ରାଧାନ୍ୟ ଦେଇଛି ବାଣିଜ୍ୟ ଓ ପରିବହନ ବିଭାଗ। ବିଶେଷକରି ଗ୍ରାମାଂଚଳ ଓ ଅଧିକ ଦୁର୍ଘଟଣାପ୍ରବଣ ଜିଲ୍ଲା ଉପରେ ବିଶେଷ ଧ୍ୟାନ ଦିଆଯିବ। ଏ ସଂକ୍ରାନ୍ତରେ ଆଗକୁ ପଦକ୍ଷେପ ନେବା ଲକ୍ଷ୍ୟରେ ଆଇଆଇଟି ମାଡ୍ରାସର ପ୍ରତିନିଧିଙ୍କ ସହ ଖାରବେଳ ଭବନରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଓ ପରିବହନ କମିସନର ଅମିତାଭ ଠାକୁର ଆଲୋଚନା କରିଛନ୍ତି। ଆଇଆଇଟି ମାଡ୍ରାସ ପକ୍ଷରୁ ସେଂଟର ଅଫ ଏକସିଲେନ୍ସ ଫର ରୋଡ୍ ସେଫଟିର ମୁଖ୍ୟ ଡ. ଭେଙ୍କଟେଶ ବାଲାସୁବ୍ରମଣ୍ୟମ ବିସ୍ତୃତ ଭାବେ ତାଙ୍କର ମତାମତ ଉପସ୍ଥାପିତ କରିଥିଲେ ।

ଆଧୁନିକ ଜ୍ଞାନକୌଶଳ ଓ ସୁବ୍ୟବସ୍ଥିତ ଢଙ୍ଗରେ ସଡ଼କ ସୁରକ୍ଷା କାର୍ଯ୍ୟକୁ କିଭଳି ପରିଚାଳନା କରାଯିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦୁର୍ଘଟଣା କାହିଁକି ଘଟୁଛି, କିପରି ଏହାକୁ କମ କରାଯାଇପାରିବ, ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ କିଭଳି ରକ୍ଷା କରାଯାଇପାରିବ ସେ ଦିଗରେ ଆଲୋଚନା ହୋଇଥିଲା। ସଡ଼କ ବ୍ୟବହାରକାରୀଙ୍କୁ ସଚେତନ କରିବା ଉପରେ ଓଡ଼ିଶା ଗୁରୁତ୍ୱ ଦେଉଛି। ଏ ଦିଗରେ ନିଆଯିବାକୁ ଥିବା ସମସ୍ତ ପଦକ୍ଷେପର ପ୍ରଭାବ ଓ ସମୟସୀମା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ଦୁର୍ଘଟଣା ତଥ୍ୟରୁ ସମାଧାନର ସୂତ୍ର ବାହାର କରାଯିବ। ପୂର୍ବରୁ ରାଜ୍ୟ ସଫଳତାର ସହ ଏ ଦିଗରେ କାର୍ଯ୍ୟ କରୁଛି । ତେବେ ଏଥିରେ ଅଧିକ ସଫଳତା ହାସଲ ଦିଗରେ ଜାତୀୟ ଅନ୍ତର୍ଜାତୀୟ ସ୍ତରର ବିଶେଷଜ୍ଞ ଓ ସଂସ୍ଥାମାନଙ୍କ ସହଯୋଗ ନିଆଯିବ। ଆଇଆଇଟି ମାଡ୍ରାସ ଏ କ୍ଷେତ୍ରରେ ଜାତୀୟ ସ୍ତରରେ ହେଉ କିମ୍ବା ବିଭିନ୍ନ ରାଜ୍ୟ ସହ ସହଭାଗୀ ହୋଇ କାର୍ଯ୍ୟ କରୁଛି। ତଥ୍ୟ ସଂଗ୍ରହ ପାଇଁ ଆଧୁନିକ ପଦ୍ଧତି ବ୍ୟବହାର, ଏହାର ବିଶ୍ଳେଷଣ ଓ ସମାଧାନ କ୍ଷେତ୍ରରେ ସୁନାମ ରହିଛି। କେମିତି ସଡ଼କ ସୁରକ୍ଷାକୁ ନେଇ ଓଡିଶାର ଗ୍ରାମାଂଚଳରେ ସଫଳତାର ସହ କାର୍ଯ୍ୟ କରିହେବ ସେ ଦିଗରେ ସେମାନେ ଯୋଜନା ପ୍ରସ୍ତୁତ କରିବେ। ଖଣି ଅଂଚଳ ମୁଖ୍ୟ ଫୋକସରେ ରହିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପରିବହନ କମିସନର ଲାଲମୋହନ ସେଠୀ, ଯୁଗ୍ମ ପରିବହନ କମିସନର ପ୍ରଦୀପ କୁମାର ମହାନ୍ତି ଓ ବିକାଶ ଚୌଧୁରୀ, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତପନ କୁମାର ମିଶ୍ର, ସ୍ୱତନ୍ତ୍ର ଅଧିକାରୀ ଭ୍ରମରବର ମହାପାତ୍ର ଓ ସେଂଟର ଅଫ ଏକସିଲେନ୍ସ ଫର ରୋଡ୍ ସେଫଟିର ପ୍ରତିନିଧି ଅତୁଲ ସିଂହ ପ୍ରମୁଖ ଆଲୋଚନାରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।



**ଏବେ ବଜାରରେ ଉପଲବ୍ଧ...**

**'କଥାକଳିକା': ଅଗଷ୍ଟ ସଂଖ୍ୟା-୨୦୨୪**





**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ପେଟପାଟଣା-ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ସୁଖ ସହ ସାମ୍ନା ସାମ୍ନି-ସୁଷମା ପରିଜା, ମହିଷ ମର୍ଦ୍ଦିନୀ-ମନୋଜ କୁମାର ଜେନା, ରୂପାନ୍ତର-ସ୍ମୃତି ପଟ୍ଟନାୟକ, ତୁଳସୀ-ସତ୍ୟରଞ୍ଜନ ସାହୁ।
**ଅନ୍ୟ ଭାଷାର କଥା :** ଭୋଟର ସାବିତ୍ରୀ- ଅଶୋକ କୁମାର ସା
**ଯୁବ ମାନସର କଥା :** ଗୋଟିଏ ଦହିତ ଦୁର୍ଗର କାହାଣୀ, କ୍ଷୀରୋଦ ବିହାରୀ ବିଶ୍ୱାଳ, ଚୋରଣୀ- ପଦ୍ମାଳୟା ପାଢୀ, କ'ଣ ଖୋଜୁଛ- ସବିତାରାଣୀ ବେହେରା, ମୃତ୍ୟୁ ସମ୍ବାଦ-ଆନନ୍ଦ କୁମାର ମାଇତି, ଗ୍ରହଣ-ସ୍ନିଗ୍ଧା ନାୟକ, ଭୁଲ କାହାର-ପ୍ରଜ୍ଞା ମହାନ୍ତି।
ଏବଂ ଶେଷରେ କଥା ସାଗର : ଅନନ୍ୟନାରୀ ଚିତ୍ରପଟ୍ଟ-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

### ନାଫେଡ ମାଧ୍ୟମରେ ଉତ୍ତରପ୍ରଦେଶରୁ ଆସିବ ଆଳୁ

# ଖାଉଟିଙ୍କୁ ମିଳିବ କିଲୋଗ୍ରାମ ପ୍ରତି ୩୦ ଟଙ୍କାରେ

**ଭୁବନେଶ୍ୱର, ୮/୮ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଆଳୁ ସଙ୍କଟ ଦୂର କରିବା ପାଇଁ ସରକାର ବିଧିବଦ୍ଧ ଭାବେ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏଣିକି ରାଜ୍ୟ ସରକାର ନାଫେଡ ମାଧ୍ୟମରେ ଆଳୁ କିଣିବା ସହ ଖାଉଟି ମାନଙ୍କୁ କିଲୋଗ୍ରାମ ପିଛା ୩୦ ଟଙ୍କାରେ ଯୋଗାଇ ଦେବେ । ଏହାଦ୍ୱାରା ଖାଉଟି ମାନଙ୍କୁ ସୁଲଭ ଦରରେ ଆଳୁ ଉପଲବ୍ଧ କରାଇବା ସହ ରାଜ୍ୟରେ ଆଳୁ ସଙ୍କଟ ଦୂର ହୋଇପାରିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି । ଏଥି ପାଇଁ ପ୍ରଥମ ପର୍ଯ୍ୟାୟରେ ତିନି ଶହ ମେଟ୍ରିକ ଟନ ଆଳୁ ପାଇଁ ନାଫେଡ ମାଧ୍ୟମରେ ଅର୍ଡର ପ୍ରଦାନ କରାଯାଇଛି । ଏହା ଆସନ୍ତା ସପ୍ତାହକ ମଧ୍ୟରେ ରାଜ୍ୟରେ ଉପଲବ୍ଧ ହେବ । ପ୍ରଥମ ପର୍ଯ୍ୟାୟରେ ଏହା ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ସରକାରୀ ଖୁଚୁରା ଦୋକାନ ମାଧ୍ୟମରେ ଉପଲବ୍ଧ ହେବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ବିକ୍ରୟ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ: ଆଠଗଡ଼ ବିଡିଓଙ୍କୁ ଗିରଫ କଲା ଭିଜିଲାନ୍ସ

**କଟକ, ୦୮/୦୮ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ପକ୍ଷରୁ ପ୍ରଦୀପଙ୍କ ଭୁବନେଶ୍ୱର ଗୌତମନଗରସ୍ଥିତ ଶ୍ରୀଏନକ୍ଲେଭ୍ ଆପାର୍ଟମେଣ୍ଟ ଦ୍ୱିତୀୟ ମହଲାରେ ଥିବା ଘର, ଖୋର୍ଦ୍ଧା ଭାଲିଆବାଡ଼ିରେ ଥିବା ବିଲ୍ଡିଂ, ରାଜସୁନାଖଳାରେ ଥିବା ୩ ମହଲା କୋଠା, ରାଜସୁନାଖଳାରେ ଥିବା ପୈତୃକ ଘର, ଖୋର୍ଦ୍ଧା ପିଚୁକୁଳିରେ ଥିବା ସମ୍ପର୍କୀୟଙ୍କ ଘର, ଆଠଗଡ଼ରେ ଥିବା ଅଫିସ ଓ କ୍ୱାର୍ଟସରେ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ବିଡିଓଙ୍କର ଭୁବନେଶ୍ୱରରେ ୨ଟି କୋଠା, ଗୋଟିଏ ଫ୍ଲାଟ ଠାବ କରାଯାଇଥିଲା। ସେହିପରି ୩ଟି ପ୍ଲଟ, ୪୭ ଲକ୍ଷର ଜମା, ୬ ଲକ୍ଷ ନଗଦ ଟଙ୍କା ଓ ୪୫୨ ଗ୍ରାମ୍ ସୁନା, ୨ଟି କାର୍ ସମ୍ପର୍କରେ ମଧ୍ୟ ଭିଜିଲାନ୍ସ ଟିମ୍ ସୂଚନା ପାଇଥିଲା। ପ୍ରଦୀପଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ତାଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା। ହେଲେ ପ୍ରଦୀପ ଠୁଳ କରିଥିବା ସମ୍ପତ୍ତି ସମ୍ପର୍କରେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ। ଗୁରୁବାର ଭିଜିଲାନ୍ସ ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୩ ମସିହା ଫେବ୍ରୁୟାରୀ ୨୩ ତାରିଖରେ ପ୍ରଦୀପ ଆଠଗଡ଼ରେ ବିଡ଼ିଓ ଭାବେ ନିଯୁକ୍ତି ପାଇଥିଲେ। ଏହାପୂର୍ବରୁ ସେ ନରସିଂହପୁରରେ କାର୍ଯ୍ୟରତ ଥିଲେ।

